Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 249
Tuesday, 17 November 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seithoarambha
Seithoarambha
www.seithoarambha.com

ସୀମାନ୍ତ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ ଜରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ବିଧାୟକ ଓ ସାଂସଦଙ୍କୁ ଗୁରୁମନ୍ତ୍ର ଦେଲେ ଉପରାଷ୍ଟ୍ରପତି



ଭୁବନେଶ୍ୱର, ୧୬/୧୧ (ଆ.ପ୍ର) : "ଗଣତନ୍ତ୍ରରେ ବିଚାରଧାରା ଓ ରାଜନୈତିକ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ଏହି ମତପାର୍ଥକ୍ୟ କେବେ ବି ଜନସାଧାରଣ ଓ ସମ୍ବିଧାନ ପ୍ରତି ଆମର ସାମ୍ବିଧାନିକ ଦାୟିତ୍ୱରୁ ଊଣା ହେବା ଉଚିତ ନୁହେଁ । ଆମେ ଭୋଟ୍ ଜରିଆରେ ନିର୍ବାଚନ ଜିତୁ, କିନ୍ତୁ କେବଳ ନିଃସ୍ୱାର୍ଥପର ଜନସେବା ମାଧ୍ୟମରେ ହିଁ ଜନତାଙ୍କ ସମ୍ମାନ ଓ ଅତୁଟ ବିଶ୍ୱାସ ଅର୍ଜନ କରିପାରିବା ।" ଆଜି ଭୁବନେଶ୍ୱରଠାରେ ସମ୍ବିଧାନ ଦିବସ ଉପଲକ୍ଷେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର କାର୍ଯ୍ୟକ୍ରମକୁ ଉଦଘାଟନ କରି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ବିଧାୟକମାନଙ୍କୁ ଏହି ଗୁରୁମନ୍ତ୍ର ଦେଇଛନ୍ତି । ତେବେ ଗୋଟିପଟତେ ଉପରାଷ୍ଟ୍ରପତି ରାଜନୈତିକ ମତଭେଦ ଭୁଲି ସ୍ୱତ ଜାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଉଥିବାବେଳେ, ଅନ୍ୟପଟେ ବିଜେଡି ଓ କଂଗ୍ରେସର ବିଧାୟକମାନେ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଯିବି । ଓଡ଼ିଶା ଗସ୍ତରେ ଆସି ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ମାଟିକୁ ପ୍ରଣାମ ଜଣାଇ ଓଡ଼ିଆରେ 'ଜୟ ଜଗନ୍ନାଥ' ଜହି ନିଜର ଅଭିଭାଷଣ ଆରମ୍ଭ କରିଥିଲେ । ସମ୍ବିଧାନ ବିଧାନସଭାକୁ ୮୨ ବର୍ଷର ଦୀର୍ଘ ଯାତ୍ରାକୁ ସ୍ମରଣ କରି କହିଥିଲେ ଯେ, ବର୍ତ୍ତମାନର ପ୍ରସ୍ତରେ ଯୁବଶକ୍ତି ଓ ଅଭିଜ୍ଞତାର ଏକ ଅପୂର୍ବ ସଙ୍ଗମ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱକୁ ସେ, କାମରାଜଙ୍କ ସହ ତୁଳନା କରିଥିଲେ । ଏଥିସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ପୂର୍ବତନ ଲୋକସଭା ବାଚସ୍ପତି ଜି.ଭି ମାବଲଙ୍କର ଉଦାହରଣ ଦେଇ ଉପରାଷ୍ଟ୍ରପତି ରାଜନୈତିକ ମତଭେଦ ଭୁଲି ସ୍ୱତ କ

ବିଜେପି ସରକାର ଗରୀବ ଓ ବାସହୀନ ଲୋକଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ପ୍ରତିବଦ୍ଧ: ଅନିଲ ବିଶ୍ୱାଳ



ଭୁବନେଶ୍ୱର, ୧୬/୧୧ (ଆ.ପ୍ର) : ଓଡିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଘର ଆବଂଟନ ପାଇଁ ନିଆଯାଇଥିବା ନିଷ୍ପତ୍ତି ଐତିହାସିକ। ୨୦୨୪ ମସିହାରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ ଅଯ୍ୟୋଦୟ ସ୍ୱତ୍ୱ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଏବଂ ସିଡ୍‌କୋ ଆବାସରେ ୧ ଲକ୍ଷ ୨ ହଜାର ବାସଗୃହ ଆବଂଟନ କରାଯାଇସାରିଛି । ଘର ଅଭାବ ଦର୍ଶଉ ବିଜେପି ସରକାରରେ ସମୁଦାୟ ୮ ଲକ୍ଷ ୨୮ ହଜାରରୁ ଅଧିକ ବାସଗୃହ ପାଇଁ ସହାୟତା ବ୍ୟବସ୍ଥା ନିଶ୍ଚିତ କରାଯାଇଛି, ଯାହା ଗରାଡକଲ୍ୟାଣ ଯାତ୍ରାରେ ନୂଆ ପର୍ବ ଯୋଡିଯୋଇଛି । ସେହିଭଳି ପୂର୍ବତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶାରେ ୩୦ ଲକ୍ଷ ୪୫ ହଜାର ବାସଗୃହ ଓଡିଶାର ଗରୀବ ପରିବାରଙ୍କୁ ପ୍ରଦାନ କରାଯାଇସରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜେପି ସରକାରର ସମସ୍ତଙ୍କୁ ପକ୍କା ଘର ଯୋଗାଇବା – "ହାରସିଂ ଫର୍ ଅଲ୍"ର ସଫଳତାକୁ ପ୍ରମାଣିତ କରୁଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଦେଶରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସର୍ବମୋଟ ୫ କୋଟି ୨୦ ଲକ୍ଷ ବାସଗୃହ ଅନୁମୋଦନ ହୋଇଥିବାବେଳେ ସେଥିରୁ ୪ କୋଟି ୧୦ ଲକ୍ଷ ବାସଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି । ଜଣେ ହିତାଧିକାରୀ ବାସଗୃହ ପାଇଁ ୧ ଲକ୍ଷ୨୦ ହଜାର ଲକ୍ଷ ଟଙ୍କା ସହ ପ୍ରୋତ୍ସାହନ ରାଶି ଭାବେ ଅତିରିକ୍ତ ୩୫ ହଜାର ଟଙ୍କା, ଛିବି - ଜି-ଆମ୍ବା ଯୋଜନାରେ ଶ୍ରମିକ ପାଉଣା ଭାବେ ୨୭ ହଜାର ଟଙ୍କା, ଶୌଚାଳୟ ପାଇଁ ୧୨ ହଜାର ଟଙ୍କା, ପିଏମ ସୂର୍ଯ୍ୟ ଘର ଯୋଜନାରେ ୩୦ ହଜାର ଟଙ୍କାର ସବସିଡି, ଟ୍ୟାପ ଯୋଗେ ପନାୟ ଜଳ ସଂଯୋଗ, ଭୂମିହୀନଙ୍କୁ ମାଗଣା ଜମିର ବ୍ୟବସ୍ଥା କରାଯାଇଛି । ଘରଡିଏ ଗରୀବ ପରିବାର ପାଇଁ ପ୍ରତିବଦ୍ଧ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଏହି ଅବସରରେ ଗଣମାଧ୍ୟମ ରାଜ୍ୟ ସଂଯୋଜକ ଶ୍ରୀ ସୁଜିତ ଦାସ ଏବଂ ମୁଖପାତ୍ର ଶ୍ରୀ ରାଜେନ୍ଦ୍ରୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକୃତି, ସ୍ୱଚ୍ଛତା ଓ ଭାଇଚାରାର ଅନନ୍ୟ ପ୍ରତୀକ ହେଉଛି ଛଠ୍ ପର୍ବ - ଧର୍ମେନ୍ଦ୍ର ପ୍ରଧାନ



ସମଲପୁର, ୧୬/୧୧ (ଆ.ପ୍ର) : ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମଲପୁର ସ୍ଥିତ ଅବସରରେ ଲୋକଆସ୍ଥା ଓ ସୂର୍ଯ୍ୟ ଉପାସନାର ମହାନ ପର୍ବ 'ଛଠ୍ ପୂଜା'ର ଅନ୍ତିମ ପର୍ବ 'ଉଷା ଅର୍ଘ୍ୟ' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ପ୍ରାତଃ ଜାହରେ ଶ୍ରୀ ପ୍ରଧାନ ସମଲପୁରର ବିଭିନ୍ନ ପୂଜା ଘାଟ ପରିଦର୍ଶନ କରିବା ସହ ଶ୍ରଦ୍ଧାଳୁମାନଙ୍କ ସହଜରେ ରହି ଉଦୟମାନ ସୂର୍ଯ୍ୟଦେବଙ୍କୁ ପ୍ରଣାମ ଓ ଅର୍ଘ୍ୟ ଅର୍ପଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଶ୍ରୀ ପ୍ରଧାନ ଆଜି ସମଲପୁରର ମାଉଣ୍ଟଫିଡାର୍ସ ଏବଂ ମାଇନିଆ ଠାରେ ଆୟୋଜିତ ଛଠ୍ ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ପର୍ବ ଜହିଙ୍କି ଯେ, 'ଛଠ୍ ପର୍ବ ହେଉଛି ପ୍ରକୃତି, ସୂର୍ଯ୍ୟ ଉପାସନା ଏବଂ ସ୍ୱଚ୍ଛତାର ଏକ ଅନନ୍ୟ ପ୍ରତୀକ। ଚାରି ଦିନ ଧରି ଆସ୍ଥା, ଶ୍ରଦ୍ଧା ଏବଂ ନିଷ୍ଠାର ସହ ପାଳିତ ହେଉଥିବା ଏହି ମହାନ ଉତ୍ସବ ସମାଜରେ ସାମୁହିକ ଭାଇଚାରା ଓ ଏକତାକୁ ଆହୁରି ସୁଦୃଢ଼ କରିଥାଏ । ପ୍ରକୃତିର ସଂରକ୍ଷଣ ସହ ଆମର ଏହି ପ୍ରାଚୀନ ପରମ୍ପରା ଆଗାମୀ ପିଢ଼ିକୁ ସଂସ୍କାର ଓ ଆଧ୍ୟାତ୍ମିକ ଚେତନା ସହ ଯୋଡ଼ି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପବିତ୍ର ଛଠ୍ ମହାପର୍ବ ଅବସରରେ ଶ୍ରୀ ପ୍ରଧାନ ସମସ୍ତ ରାଜ୍ୟବାସୀ ତଥା ବେଦବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଭଗବାନ ସୂର୍ଯ୍ୟ ଏବଂ ଛଠୀ ମୈୟାଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି । ପ୍ରତିଟି ଘର ଓ ଅଗଣା ଖୁସିରେ ଆଲୋକିତ ହେଉ ଏବଂ ସମସ୍ତଙ୍କର ମନୋସ୍କାମନା ପୂର୍ଣ୍ଣ ହେଉ ବୋଲି ସେ ପ୍ରାର୍ଥନା କରିଛନ୍ତି । ଏହାବ୍ୟତୀତ ଆଜିର ଏହି ପବିତ୍ର ଦିବସରେ ଶ୍ରୀ ପ୍ରଧାନ ସମଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଏବଂ ମା' ପାଟଣେଶ୍ୱରୀଙ୍କ ମନ୍ଦିରକୁ ଯାଇ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ମା'ଙ୍କ ଆଶୀର୍ବାଦରୁ ସମଗ୍ର ଜଗତର କଲ୍ୟାଣ ହେଉ ଏବଂ ଓଡ଼ିଶାର ପ୍ରଗତି ଆହୁରି ତ୍ୱରାନ୍ୱିତ ହେଉ ବୋଲି ଶ୍ରୀ ପ୍ରଧାନ କାମନା କରିଛନ୍ତି ।

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ବୃଦ୍ଧା

ନାତଡିହି, ୧୬/୧୧ (ଆ.ପ୍ର) : ନାତଡିହି ଚୁଡ଼ ଅଣା ସମୀପ ରାସ୍ତାରେ ସୋମବାର ଦିନ ଅପରାହ୍ନ ରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯେଉଁ ଦୁର୍ଘଟଣାରେ ମୋହନ ଦାସ ନାମକ ଜଣେ (୬୦) ବୃଦ୍ଧା ସାଇକେଲ ଯୋଗେ ଚଂପାସରୁ ଇଶାନା ଗଲୁଡ଼ି ଯିବା ରାସ୍ତାରେ ଏକ ଲାଉଖା ଗାଡ଼ି ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଗ୍ରାମବାସୀଙ୍କ ଉତେଜନା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ବୃଦ୍ଧା ଙ୍କୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଥିବା ବେଳେ ଘଟଣା ସ୍ଥଳରେ ନନ୍ଦିପଦା ପୋଲିସ ପହଂଚି ଲାଉଖା ଗାଡ଼ିକୁ ଅଟକ ରଖିଥିବାବେଳେ ଡ୍ରାଇଭର ଫେରାର ହୋଇ ଯାଇଥିବା ସୂଚନା ମିଳିଛି ।

ଶ୍ରୀରାମପୁରଠାରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଦଶପଲ୍ଲା, ୧୬/୧୧ (ଆ.ପ୍ର) : ରାଜ୍ୟ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ, ନୟାଗଡ଼' ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ୨୦୨୬-୨୭ ଦଶପଲ୍ଲା ବ୍ଲକର ଶ୍ରୀରାମପୁରଠାରେ ମହାଆଡ଼ମ୍ବରରେ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ 'ସେବାତାହିନୀ ଫ୍ରେଣ୍ଡସ୍ କ୍ଲବ'ର ସଦସ୍ୟମାନଙ୍କ ମିଳିତ ସହଯୋଗରେ ଗତ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଏହି କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଉପସଭାପତି ଯୁବକ ଦେବେତା ଓ ସମ୍ପାଦକ ଚିନ୍ମୟ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିବସରେ ଦଶପଲ୍ଲା ବିଜୁ ପଟ୍ଟନାୟକ କ୍ରୀଡ଼ା ଉତ୍ସବରେ ପୁରୁଷ ଓ ମହିନା ବର୍ଗର ଭ୍ୟାଲିବଂଟିଂ ସିଙ୍ଗଲ୍ସ ଏବଂ ଶ୍ରୀରାମପୁର ସ୍ଥିତ ପଡ଼ିଆରେ ରାଜିବଲ୍ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଦିବସରେ ମହିନା ଜୁନିୟର କବାଡ଼ି, ୧୦୦ ମିଟର ଦୌଡ଼, ଧୀର ସାଇକେଲ ଚାଳନା, ସଂଗୀତ ଚୌକି ଏବଂ ସାଧାରଣଖାମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫ରୁ ୨୯ ବର୍ଷ ବୟସର ବହୁ ଯୁବକ ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୟାଗଡ଼ ଜିଲ୍ଲା ଯୁବ ଅଧିକାରୀ ସାହିଲ କୁଣ୍ଡୁ, ଦଶପଲ୍ଲାର ଯୁବ ସଚେତକ ଚନ୍ଦନ କୁମାର ସାହୁ, ଯୋଗଗୁରୁ ତଥା ବରିଷ୍ଠ ଶିକ୍ଷକ ଭଗବାନ ଦେହୁରୀ, ଜାତୀୟ ଯୁବ ସ୍ୱେଚ୍ଛାସେବକ ବିଶ୍ୱରଞ୍ଜନ ପଣ୍ଡା ଓ ରମେଶଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ କୃତା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଓ ଶୃଙ୍ଖଳା ବିକାଶ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ ।

ଜାତୀୟ ପ୍ରେସ୍ ଦିବସ ଅବସରରେ କେଡବ୍ଲ୍ୟୁଏମ୍‌ଆଇ ଜୟପାଟଣା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଂଟନ



ଜୟପାଟଣା, ୧୬/୧୧ (ଆ.ପ୍ର) : ଜାତୀୟ ପ୍ରେସ୍ ଦିବସ ଅବସରରେ କେଡବ୍ଲ୍ୟୁଏମ୍‌ଆଇ ଜୟପାଟଣା ପକ୍ଷରୁ ଆଦିବାସୀପଡ଼ା ପ୍ରାଥମିକ ବିଦ୍ୟାଳୟରେ ଏକ ଶିକ୍ଷା ସାମଗ୍ରୀ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରାୟ ୬୦ରୁ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ପେନ୍ସିଲ, ରବର, ଗର୍ଜ ଓ ବହି ଆଦି ବିଭିନ୍ନ ଶିକ୍ଷା ଉପକରଣ ବଂଟନ କରାଯାଇଥିଲା । ସମାଜସେବୀ ବିଜୟ ରାଉତ ଏବଂ କେଡବ୍ଲ୍ୟୁଏମ୍‌ଆଇ ଜିଲ୍ଲା ସମ୍ପାଦକ ଉଜ୍ଜ୍ୱଳ ରଞ୍ଜନ ସୁନାଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ଏହି ସାମଗ୍ରୀ ବଂଟନ କରାଯାଇଥିଲା । ଶିକ୍ଷା ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି କରିବା ସହ ଆର୍ଥିକ ଅନଟନ ଯୋଗୁଁ ଶିକ୍ଷା ସାମଗ୍ରୀରୁ ବଂଚିତ ହେଉଥିବା ପିଲାମାନଙ୍କୁ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଜାତୀୟ ପ୍ରେସ୍ ଦିବସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିନରେ ସମାଜସେବା ଓ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଇ କେଡବ୍ଲ୍ୟୁଏମ୍‌ଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ଅଂଚଳରେ ଏହାକୁ ନେଇ ଆଲୋଚନା ହୋଇଛି । ଏହିଭଳି ସହଯୋଗ ଛାତ୍ରଛାତ୍ରୀଙ୍କ ମନରେ ପାଠପଢ଼ା ପ୍ରତି ଉତ୍ସାହ ଓ ଆଗ୍ରହ ବଢ଼ାଇବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

୫ କିଲୋମିଟର ଚାଲି ପାଠ ପଢ଼ିବାକୁ ଯାଉଛନ୍ତି ଛାତ୍ରଛାତ୍ରୀ, କିୟୋସିଂ ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବା ପାଇଁ ବିଧାୟକଙ୍କୁ ଗ୍ରାମବାସୀଙ୍କ ନିବେଦନ



ପାରଜାଖେମୁଣ୍ଡି, ୧୬/୧୧ (ଆ.ପ୍ର) : ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର । କିନ୍ତୁ ଆଜି ମଧ୍ୟ ଗ୍ରାମାଂଚଳର ଅନେକ ଝୁଡି ଝୁଡି ପିଲା ଶିକ୍ଷା ପାଇଁ ବୁଡବୁଡ଼ାନ୍ତ ଚାଲିବାକୁ ବାଧ୍ୟ ହେଉଛନ୍ତି । ଏଭଳି ଏକ ପ୍ରତ୍ୟକ୍ଷ ଚିତ୍ର ସାମ୍ନାକୁ ଆସିଛି ଗଜପତି ଜିଲ୍ଲା ଗୁଣ୍ଡା ବ୍ଲକ ଅନ୍ତର୍ଗତ କିୟୋସିଂ ଗ୍ରାମରୁ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, କିୟୋସିଂ ପ୍ରାଥମିକ ବିଦ୍ୟାଳୟ ୧୯୫୨ ମସିହାରେ ଉନ୍ନୀତ ହୋଇଥିଲା । ତାପ୍ତି, ଖରା ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିରେ ପିଲାମାନଙ୍କ ଏହି ଦୈନନ୍ଦିନ ଯାତ୍ରା ଆହୁରି ଯନ୍ତ୍ରଣାଦାୟକ ହୋଇପଡୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିୟୋଟି ଗ୍ରାମବାସୀ ପାରଜାଖେମୁଣ୍ଡି ବିଧାୟକ ବୁପେଶ କୁମାର ପାଣିଗ୍ରାହୀଙ୍କ ନିକଟରେ ଏକ ଲାଇବିନ୍ଦ୍ରିକ ନିବେଦନ କରିଛନ୍ତି । ବର୍ତ୍ତମାନ ଗ୍ରାମର ପିଲାମାନଙ୍କ ଭବିଷ୍ୟତ ଓ ଶିକ୍ଷାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରାୟ ୫ କିଲୋମିଟର ଦୂରକୁ ଚାଲିଚାଲି ଯିବାକୁ ପଡୁଛି । ଛୋଟ ଛୋଟ ପିଲାଙ୍କ ପାଇଁ ଏତେ ଦୂର ରାସ୍ତା ଅତିକ୍ରମ କରି ବିଦ୍ୟାଳୟକୁ ଯିବା କେବଳ କଷ୍ଟକର ନୁହେଁ, ବରଂ ଅଭିଭାବକଙ୍କ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି । ତାପ୍ତି, ଖରା ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିରେ ପିଲାମାନଙ୍କ ଏହି ଦୈନନ୍ଦିନ ଯାତ୍ରା ଆହୁରି ଯନ୍ତ୍ରଣାଦାୟକ ହୋଇପଡୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିୟୋଟି ଗ୍ରାମବାସୀ ପାରଜାଖେମୁଣ୍ଡି ବିଧାୟକ ବୁପେଶ କୁମାର ପାଣିଗ୍ରାହୀଙ୍କ ନିକଟରେ ଏକ ଲାଇବିନ୍ଦ୍ରିକ ନିବେଦନ କରିଛନ୍ତି । ଗ୍ରାମର ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉ" – ଏହି ଆଶା ଓ ଆକାଂକ୍ଷା ନେଇ ଗ୍ରାମବାସୀ ବିଧାୟକଙ୍କ ହସ୍ତକ୍ଷେପ ଅପେକ୍ଷାରେ ରହିଛନ୍ତି ।

ଟିକାବାଲିରେ 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' ଅନ୍ତର୍ଗତ ଦୃଷ୍ଟି ପରୀକ୍ଷା ଶିବିର



ଟିକାବାଲି, ୧୬/୧୧ (ଆ.ପ୍ର) : ଛତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ସୁରକ୍ଷା, ଦୃଷ୍ଟି ଜନିତ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ପରାମର୍ଶ ପ୍ରଦାନ ଉଦ୍ଦେଶ୍ୟରେ 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' ଅନ୍ତର୍ଗତ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଟିକାବାଲି ବ୍ଲକର ବିଆରଜି ହଲ୍‌ଠାରେ ଏକ ଦୃଷ୍ଟି ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ଟିକାବାଲି ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ୍ୱର ବଡ଼ଜେ, ଗୋଷ୍ଠୀ ସମନ୍ୱୟ ପ୍ରଶିକ୍ଷକ ଶୁଭେନ୍ଦୁ ମହାପାତ୍ର, ଚକ୍ଷୁ ନିରୀକ୍ଷକ ଏଣ୍ଡ୍ରୁଜ ବଡାଡ଼ ଓ ଜି ଚଳୁବର୍ତ୍ତୀ, ସିଆରସିସି ଅରବିନ୍ଦ ମହାପାତ୍ର, ଜୟପ୍ରକାଶ ପାତ୍ର ଓ ବିଷ୍ଣୁ ପ୍ରସାଦ ଛୋଟା ପ୍ରମୁଖ ଉପସ୍ଥିତ ରହି ଶିବିରର ସୁପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କ ଚକ୍ଷୁ ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବା, ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିବା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଶିଶୁମାନଙ୍କ ସୁସ୍ଥ ଜୀବନ, ଉତ୍ତମ ଶିକ୍ଷାଗ୍ରହଣ ଓ ସାମଗ୍ରିକ ବିକାଶ ପାଇଁ ଚକ୍ଷୁ ସ୍ୱାସ୍ଥ୍ୟର ଯତ୍ନ ଅତ୍ୟନ୍ତ ଅପରିହାର୍ଯ୍ୟ । କାରଣ ସୁସ୍ଥ ଦୃଷ୍ଟିଶକ୍ତି ହିଁ ଶିକ୍ଷାର ଆଲୋକମୟ ଭବିଷ୍ୟତ ଗଠନର ଏକ ମୁଖ୍ୟ ଆଧାର ।

ଗୁଣପୁରରେ ଚଇତି ସାଂସ୍କୃତିକ ମହୋତ୍ସବ 'ଇଡିତାଲ-୨୦୨୬' ପାଳନ ପାଇଁ ପ୍ରସ୍ତୁତି ବୈଠକ



ଗୁଣପୁର, ୧୬/୧୧ (ଆ.ପ୍ର) : ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତିକ ମହୋତ୍ସବ 'ଇଡିତାଲ-୨୦୨୬' ଆୟୋଜନ ନିମନ୍ତେ ସ୍ଥାନୀୟ ନଗର ସରାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ବିକାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବଡିଚ ବର୍ଷ ଡିସେମ୍ବର ୧୮, ୧୯ ଓ ୨୦ ତାରିଖରେ ମହୋତ୍ସବ ପାଳନ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି । ସେବା ସମାଜ ନିକଟସ୍ଥ ଖଡାୟୁ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏହି ମହୋତ୍ସବ ଆୟୋଜିତ ହେବ । ଡିସେମ୍ବର ୧୮ ତାରିଖରେ ଶୋଭଯାତ୍ରା ଆଜ୍ଞାମାଳ ଅଖାରୁ ମହୋତ୍ସବର ଶୁଭାରମ୍ଭ କରାଯିବ । ତିନିଦିନ ଧରି ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରଦର୍ଶନୀ, ମାଟୀକଳାକାର ଓ ହସ୍ତତନ୍ତ ଶିଳ୍ପୀଙ୍କ ସ୍ୱତନ୍ତ୍ର ଉତ୍ପାଦନ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି । ଏଥିରେ ସ୍ଥାନୀୟ କଳାକାରଙ୍କ ସହ ବାହାର ଅଂଚଳର ଚଳଚ୍ଚିତ୍ର କଳାକାରମାନେ ଯୋଗଦେବେ । ଆବଶ୍ୟକତା ପଡ଼ିଲେ ମହୋତ୍ସବକୁ ଆଉ ଦୁଇଦିନ ବୃଦ୍ଧି କରିବାକୁ ମଧ୍ୟ ବୈଠକରେ ମତ ପ୍ରକାଶ ପାଇଛି । ମହୋତ୍ସବର ସୁପରିଚାଳନା ନିମନ୍ତେ ପରିଚାଳନା, ସାଂସ୍କୃତିକ, ଖାଦ୍ୟପେୟ, ଅର୍ଥ, କ୍ରୀଡ଼ା ଓ ସମ୍ବର୍ଦ୍ଧନା ଆଦି ମୋଟ ୧୪ଟି ଉପସମିତି ଗଠନ କରାଯାଇଛି । ଏହି ଉପସମିତିସୂହକରେ ସାମିଲ ହେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ୨୨ ତାରିଖ ସୁଦ୍ଧା ନିଜର ନାମଲିପିଡ଼ୁ ଗୁଣପୁର ସ୍ଥିତ ଆଞ୍ଚଳିକ ମହୋତ୍ସବ ଶୁଭାରମ୍ଭ କରାଯିବ । ତିନିଦିନ ଧରି ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରଦର୍ଶନୀ, ମାଟୀକଳାକାର ଓ ହସ୍ତତନ୍ତ ଶିଳ୍ପୀଙ୍କ ସ୍ୱତନ୍ତ୍ର ଉତ୍ପାଦନ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି । ଏଥିରେ ସ୍ଥାନୀୟ କଳାକାରଙ୍କ ସହ ବାହାର ଅଂଚଳର ଚଳଚ୍ଚିତ୍ର କଳାକାରମାନେ ଯୋଗଦେବେ । ଆବଶ୍ୟକତା ପଡ଼ିଲେ ମହୋତ୍ସବକୁ ଆଉ ଦୁଇଦିନ ବୃଦ୍ଧି କରିବାକୁ ମଧ୍ୟ ବୈଠକରେ ମତ ପ୍ରକାଶ ପାଇଛି । ମହୋତ୍ସବର ସୁପରିଚାଳନା ନିମନ୍ତେ ସ୍ଥାନୀୟ ନଗର ସରାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ବିକାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବଡିଚ ବର୍ଷ ଡିସେମ୍ବର ୧୮, ୧୯ ଓ ୨୦ ତାରି

ସମ୍ବଲପୁର
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ଜନ ସଂପର୍କ ପଦଯାତ୍ରା



ରୋଗରାଇ, ୧୬/୧୧ (ଆ.ପ୍ର) : ବାଲେଶ୍ୱର ଜିଲା ରୋଗରାଇ ବ୍ଲକରେ ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ବିଜେଡ଼ିର ଜନସମ୍ପର୍କ ପଦଯାତ୍ରାରେ ସମସ୍ତେ ରୋଗରାଇର କେନ୍ଦ୍ର ପ୍ରଜା ଆନୁଷ୍ଠାନଠାରେ ପହଂଚିବା ପରେ ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଜେଡ଼ି ନେତା ସୁଜାତା ରାଉତ ତାଙ୍କ ବକ୍ତବ୍ୟରେ କହିଛନ୍ତି ୨୪ ବର୍ଷ ଶାସନ ଜାରରେ ରାଜ୍ୟରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଜେଡ଼ି ସରକାର ଓଡ଼ିଶା ବାସୀଙ୍କ ହିତରେ କାର୍ଯ୍ୟ କରୁଥିବା ବେଳେ ମାତ୍ର ୨୪ ମାସରେ ବିଜେପି ସରକାର ତାହା ନଷ୍ଟ କରି ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ବନ୍ଦ କରିବା ଫଳରେ ଲୋକମାନେ ଗ୍ରାଂଟଂକରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷ ମାଆ ମାନଙ୍କୁ ନେଇ ଗଢ଼ି ଉଠିଥିବା ବିଶ୍ୱ ପ୍ରସିଦ୍ଧ ମହିଳା ସଶକ୍ତିକରଣ ମଡେଲକୁ କାହିଁକି ବିଜେପି ସରକାର ବନ୍ଦ କରିଛନ୍ତି ? ମା' ମାନେ ମିଶନଶକ୍ତି ମାଧ୍ୟମରେ ଯଦି ବି' ପଇସା ରୋଜଗାର କରିପାରୁଛନ୍ତି, ତେବେ ଏଥିରେ କାହାର ଅସୁବିଧା ହେଉଛି ବୋଲି ଶ୍ରୀମତୀ ରାଉତ ପ୍ରଶ୍ନ କରିଥିଲେ । ୬ ମାସ ହେବ ବୃଦ୍ଧବୃଦ୍ଧା ଭତା ପାଇ ନାହାଁନ୍ତି । ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଣ୍ଡୁ କିଣି ନ ପାରି ମୃତ୍ୟୁ ମୁଖରେ ପହୁଞ୍ଚିଛି । ପୋଟାଲ ଖୋଲି ବନ୍ଦ କରୁଛନ୍ତି । ପୋଟାଲ ଖୋଲି ବନ୍ଦ କରୁ କଥା କହୁଛନ୍ତି ସରକାର, ପ୍ରକୃତରେ ହୃଦୟରେ ପୋଟାଲ ଖୋଲିବା ଦରକାର । ସେଥିପରି ଏମଏସଆଇଟି ବିଲକୁ ଓଡ଼ିଶାର ୨୦ ଲକ୍ଷ ସାଂସଦ ଆଖିବୁଜା ସମର୍ଥନ କରିଦାରୁ ଓଡ଼ିଶାର ଖଣିକୁ ଜାରା ସ୍ୱାର୍ଥରେ କେନ୍ଦ୍ରକୁ ଦେବି ଦିଆଗଲା ବୋଲି ଶ୍ରୀମତୀ ରାଉତ ପ୍ରଶ୍ନ ଉଠାଇଥିଲେ । ସେଥିପାଇଁ ଆଗାମୀ ପଂଚାୟତ ତଥା ସାଧାରଣ ନିର୍ବାଚନରେ ଓଡିଆ ଜନମାନସର ଧ୍ରୁବତାରା, ସାଢ଼େ ତାରିକୋଟି ଓଡ଼ିଆଙ୍କର ଜାରା ବିଧାତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ମାଧବ ଥଟ୍ଟା, ନାଗା ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାର, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ,ବିଜୁ ଜନତା ଦଳର ସଭାପତି ଜସ୍ମିତା ସାହୁ, ଜିଲ୍ଲା ପରିଷଦ ସଭାପତି ନାଗାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ସୁଲାନ୍ତ ନାୟକ, ପୂର୍ବତନ ବିଧାୟକ ଗଜୁନାଥ ମଦାଲି, ପୂର୍ବତନ ବିଧାୟକ ଜାତନପ୍ରଭାତ ଦାସ, ଝଡ଼ାଶୁଣ୍ଡେଶର ପରିଡ଼ା, ସ୍ୱରୂପ ଦାସ, ବିଧାୟକ ପ୍ରଥୀ ବିତୁସ୍ମିତା ମହାଳିକ, ରୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି ପ୍ରମୁଖ ଉପସ୍ଥିତ ରହି ଜାରା ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡ଼ିର ଜିଲ୍ଲା ସ୍ତରୀୟ ନେତା ଓ କର୍ମୀ ମାନେ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ଜଳେଶ୍ୱର, ଚନ୍ଦନେଶ୍ୱର, ବେଉଜା ଓ ରୋଗରାଇ ଠାରୁ ପଦଯାତ୍ରାରେ ଯାତ୍ରରି ଆମାନ୍ତ୍ରକ ପାରେ ପହଂଚି ଥିଲେ । ସେଠାରେ ବିଜେଡ଼ି ନେତ୍ରୀ ଶ୍ରୀମତୀ ରାଉତଙ୍କୁ ସଂଚୁ ପାଞ୍ଚୋଟି ନିଆଯାଇଥିଲା । ଏଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ ।

ସାମ୍ବାଦିକତା କେବଳ ବୃତି ନୁହେଁ, ସମାଜ ପରିବର୍ତ୍ତନର ଶକ୍ତି : ସୁବାସିନୀ

ବାଲିଆପାଳ ମିଡ଼ିଆ ଫୋରମ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୧୬/୧୧ (ଆ.ପ୍ର) : ସାମ୍ବାଦିକତା କେବଳ ଏକ ବୃତି ନୁହେଁ, ଏହା ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମ । ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି ଓ ବିଭିନ୍ନ ଜନସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଶାସନ ବ୍ୟବସ୍ଥାକୁ ଉତରଦାୟୀ କରିବାରେ ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ । ନିର୍ଭୀକ, ନିରପେକ୍ଷ ଓ ନିଷ୍ପାପର ସାମ୍ବାଦିକତା ହିଁ ଗଣତନ୍ତ୍ରର ପ୍ରକୃତ ଶକ୍ତି ବୋଲି ମତବ୍ୟକ୍ତ କରିଛନ୍ତି ବରା ବିଧାୟିକା ସୁବାସିନୀ ଜେନା । ବାଲିଆପାଳର ସର୍ବ ବୃହତ ମିଡ଼ିଆ ଅନୁଷ୍ଠାନ ମିଡ଼ିଆ ଫୋରମ ପକ୍ଷରୁ ସ୍ଥାନୀୟ ବ୍ଲୁ ଛଇଗ୍ରସ୍ତିତ ଶୁଭମ୍ ଗେଷ୍ଟ ହାଉସ୍ ପରିସରରେ ଆୟୋଜିତ ଜାତୀୟ ପ୍ରେସ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ବିଧାୟିକା ଶ୍ରୀମତୀ ଜେନା ଏହା କହିଥିଲେ । ମିଡ଼ିଆ ଫୋରମର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୀପ ପାତ୍ରଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଜେତାରଜନୀ ମହାନ୍ତି ଯୋଗଦେଇ ଦେଶରେ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ସାମ୍ବାଦିକଟିଏ ଆଜି ଅଲୋଡା ପାଉଟିଛି । ସରକାରୀ ସ୍ତରରେ ଦୁର୍ନିତ୍ତୁ ଲୋକିବା ପାଇଁ ସାମ୍ବାଦିକର ଲଲମ ମାଧ୍ୟମ ପାଲଟିଛି । ମାଓପ୍ରବଣ ଅଂଚଳରେ ସାମ୍ବାଦିକ ଛାତିରେ ଗୁଳି ଖାଉଛି । ଅସହାୟ ଲୋକର ସ୍ୱର ପାଲଟିଛି ସାମ୍ବାଦିକ । ଯେଉଁ ଦିନ ସାମ୍ବାଦିକର କଲମ ମୁନବନ୍ଦ ହୋଇଯିବ ସେ ଦିନ ସରକାର ଅଚଳ ହୋଇଯିବ ବୋଲି ମତ ବ୍ୟକ୍ତ କରିଥିଲେ । ସଂଚାଳୀତ ଅତିଥି ଭାବରେ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ବାଲିଆପାଳ ଥାନା ଆ ଆଇ ସି ସାରଜାନ ମୁର୍ମୁ, ସେଇଠୁ ଆରମ୍ଭ ଖବର କାଗଜର ସମ୍ପାଦକ ଶୁରେନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ବୃନ୍ଦାବନ ସ୍ୱାଇଁ ଯୋଗଦେଇ ନିରପେକ୍ଷ ସାମ୍ବାଦିକତା ଓ ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାଆରୋପ କରି ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ମିଡ଼ିଆ ଫୋରମର ପ୍ରତିଷ୍ଠାତା ଶିକ୍ଷକ ଗାବେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ । ମିଡ଼ିଆ ଫୋରମର ବରିଷ୍ଠ ସଦସ୍ୟ ରାଜକିଶୋର ପାତ୍ର ମଂଚ ଆହ୍ୱାନ, ଶାଶ୍ୱତ ମହାପାତ୍ର ଅତିଥି ପରିଚୟ ପ୍ରଦାନ, ଉପଦେଷ୍ଟା ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଆସିଥିବା ସାମ୍ବାଦିକ ସମେତ ଚଳିତ ବର୍ଷ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ, ମୁଖ୍ୟମନ୍ତ୍ରୀ ସୁରକ୍ଷାର ପ୍ରାପ୍ତ ଶିକ୍ଷୟିତ୍ରୀ ରଶ୍ମିରେଖା ସାଁ, ଓଏସ ପାଇଥିବା ଛାତ୍ର ପ୍ରତିଦ୍ୱନ୍ଦ୍ୱୀ ପାତ୍ର, ସମାଜସେବାରେ ଅଗ୍ରଣୀ ଥିବା ବାଘାସତାନ ବୃଦ୍ଧିପରିଷଦ, ସୂଚନା ଅଧିକାର ସଂଘ, ପୂର୍ବତନ ସୈନିକ ସଂଘ, ସୁବର୍ଣ୍ଣରେଖା ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ର ପିପିରି ମହାବିଦ୍ୟାଳୟ ଜଗାଇ, ଶଙ୍ଖାପ୍ରିୟା ମହିଳା ମହାବିଦ୍ୟାଳୟ, ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଏନଏସଏସ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ଅଧ୍ୟାପକ ସମେତ,ବୁଲର ସମସ୍ତ ଖବରକାଗଜ ବିତରକ ମାନଙ୍କୁ ଅଭ୍ୟର୍ଥନା କରାଯାଇଥିଲା । ସେହିପରି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଜିଲାର ବିଭିନ୍ନ ବୁଲରୁ ଆସିଥିବା ସାମ୍ବାଦିକ ଏବଂ ବାଲିଆପାଳ ବୁଲର ଅଭ୍ୟର୍ଥ କରାଯାଇଥିଲା । ସେହିପରି ବିଭିନ୍ନ ସଂଗଠନରୁ ଆମନ୍ତିତ ହୋଇ ଆସିଥିବା ଅତିଥି ମାନଙ୍କ ଦ୍ୱାରା ସଂପୃକ୍ତିକ ସମାଜରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମିଡ଼ିଆ ଫୋରମର ବରିଷ୍ଠ ସାମ୍ବାଦିକ ଝାଡ଼େଶ୍ୱର ପ୍ରଧାନ ସଂଚାଳନା କରିଥିଲେ । ଏଥିରେ ପୂର୍ବତନ ସୈନିକ ସଂଘ ର ସଦସ୍ୟ ମନୋଜ ସି, ସୂଚନା ଅଧିକାର ସଂଘର ସଭାପତି ଅଦ୍ଭୁତ ମହାପାତ୍ର, ବାସାସତୀନ ସ୍ୱତି ପରିଷଦର ଅଉବିନ୍ଦ ବେହେରା, ଖେଳଶିକ୍ଷୟିତ୍ରୀ ରଶ୍ମିରେଖା ସି, ଶିକ୍ଷକ ସଂଘ ନେତା ବିଶ୍ୱମ୍ଭର ପାତ୍ର, ରାଜେନ୍ଦ୍ର ବେହେରା, ଜିତାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ବେହେରା, ଆଡଗୋଳେଟ୍ ପ୍ରକାଶ ମହାରଣା, ରାଜ୍ୟ ସାର୍ଟିଫାର ସଂଯୋଜକ ସଞ୍ଜୀବ କୁମାର ମହାରଣା ଏବଂ ନାଳଗିରି ନଗର ଜନଜାତି ପ୍ରମୁଖ ଜିମ୍ ସିଂ ଉପସ୍ଥିତ ଥିଲେ । ଏଥିସହିତ ନାଳଗିରି ମହାବିଦ୍ୟାଳୟର ସୁସ୍ମି ସାଧାରଣ ସମ୍ପାଦକ ବାପୁଜୀ ସିଂ ଓ ଗୋପାଳ ସିଂ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ମୁଖ୍ୟଙ୍କ ଜୀବନୀ, ସଂଘର୍ଷ ଓ ଜନଜାତି ସମାଜର ଅଧିକାର, ସ୍ୱାଭିମାନ ତଥା ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ଇଂରେଜ ଶାସନ ବିରୋଧରେ ତାଙ୍କର ସଂଘର୍ଷ ଓ ଜନଜାତି ସମାଜକୁ ସଂଗଠିତ କରିବାର ଅଦମ୍ୟ ଇଚ୍ଛାଶକ୍ତି ଭାରତୀୟ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ତାଙ୍କର ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଓ ମାତୃଭୂମି ପ୍ରତି ଅତୁଟ ସମର୍ପଣ ଆଜିର ଯୁବପିଢ଼ିଙ୍କୁ ଦେଶପ୍ରେମ, ସାମାଜସେବା ଓ ନିଜ ସଂସ୍କୃତି ପ୍ରତି ଗର୍ବବୋଧ କରିବାକୁ ସଦା ପ୍ରେରଣା ଯୋଗାଇବ । ଜନଜାତୀୟ ସମାଜର ଗୌରବମୟ ଇତିହାସ ଓ ମହାନ ବୀରମାନଙ୍କ ବଳିଦାନକୁ ନୂତନ ପିଢ଼ି ନିକଟରେ ପହଂଚାଇବା ଏବଂ ଛାତ୍ରଛାତ୍ରୀଙ୍କ ମନରେ ଜାତୀୟ ଚେତନା ଓ ସାଂସ୍କୃତିକ ମୂଲ୍ୟବୋଧ ଜାଗ୍ରତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ରାଜ୍ୟସ୍ତରୀୟ 'ସୁରଭି'ରେ ଚିତ୍ରକଳାରେ ପ୍ରଥମ ହେଲେ ବାଲେଶ୍ୱରର ସମୀର ବେହେରା



ବାଲେଶ୍ୱର, ୧୬/୧୧ (ଆ.ପ୍ର) : ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି ଫତୋର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ସମୀର ବେହେରା । ଓଡ଼ିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ନଭେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' । କୁଷ୍ଠର, ବୁଲ୍ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନେ ଏଥିରେ ବିଭିନ୍ନ ବିଭାଗରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଉଚ୍ଚ ମାଧ୍ୟମିକ ବର୍ଗର ଚିତ୍ରକଳା ପ୍ରତିଯୋଗିତାରେ ଚିତ୍ରକଳାରେ ପ୍ରତିଫଳିତ ଜରି ହେ 'ଜଳା ଉତ୍ସବ-୨୦୨୫' ରେ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଏଥିପାଇଁ ବିଜୁଗେ ତାଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ୨୦୨୫-୨୬ ବର୍ଷ ପାଇଁ ରାଜ୍ୟପାଳ ପୁରସ୍କାର ନିମନ୍ତେ ମଧ୍ୟ ସେ ମନୋନୀତ ହୋଇଛନ୍ତି । ବନ ବିଭାଗ ପକ୍ଷରୁ ବିଶ୍ୱ ବନ୍ୟଜନ୍ତୁ ଦିବସ ଅବସରରେ ଏବଂ ଗଣଶିକ୍ଷା ବିଭାଗ ସମେତ ବିଭିନ୍ନ ଅନୁଷ୍ଠାନ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ମଧ୍ୟ ସେ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛନ୍ତି । ସମୀରଙ୍କ ଏହି ଅସାଧାରଣ କଳା ପ୍ରତିଭା ଓ ନିରନ୍ତର ସଫଳତା ପାଇଁ ବିଜୁନ୍ୟୁ ଅନୁଷ୍ଠାନ, ଶିକ୍ଷାଟିତ୍ ଏବଂ କଳା-ସଂସ୍କୃତି ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସ୍ରୋତ ଛୁଟିଛି ।

ରାସ୍ତା ସମସ୍ୟାକୁ ନେଇ ମୁହଁ ଖୋଲିଲେ ମହିଳା

ଜାଡତିହି, ୧୬/୧୧ (ଆ.ପ୍ର) : ଜାଡତିହି ସମଣା ପଂଚାୟତର ତେଲ ସିଂହା ଗ୍ରାମର ମହିଳା ମାନେ ରାସ୍ତା ସମସ୍ୟାକୁ ନେଇ ମୁହଁ ଖୋଲିଛନ୍ତି । ଦୀର୍ଘ ଦିନ ଧରି ଗାଁର ରାସ୍ତା ସମସ୍ୟା ରହିଥିବା ବେଳେ ଗାଉଆର ସରପଂଚ ଓ ୱିଡ଼ିଓଙ୍କୁ ପୃଷ୍ଠି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଅଟ୍ଟାଳୀ ଶୁଣୁ ନଥିବା ଅଭିଯୋଗ କରିଛନ୍ତି ।

ଆଶ୍ରୀତା ତରାଇଙ୍କ ପ୍ରୟାସରେ ଅନୁଷ୍ଠିତ ହେଲା ରକ୍ତଦାନ ଶିବିର : ୫୫ ୟୁନିଟ୍ ରକ୍ତ ସଂଗ୍ରହ




ବାଲେଶ୍ୱର, ୧୬/୧୧ (ଆ.ପ୍ର) : 'ରକ୍ତଦାନ ମହାପୁଣ୍ୟ, ରକ୍ତର କୌଣସି ବିକଳ୍ପ ନାହିଁ'- ଏହି ବାର୍ତ୍ତା ନେଇ ବାଲେଶ୍ୱର ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ରକ୍ତ ଇଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ସମାଜସେବୀ ଆଶ୍ରୀତା ତରାଇଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ଶିବିରରେ ୫୫ ଜଣ ସ୍ୱେଚ୍ଛାସେବୀ ରକ୍ତ ଦାନ କରିଥିଲେ । ଦୃଷ୍ଟିରୋପଣ, ପାଣିଛତ୍ର ଓ ଅନ୍ନଦାନ ଭଳି ବିଭିନ୍ନ ଜନହିତକର କାର୍ଯ୍ୟରେ ସକ୍ରିୟ ରହି ଆଶ୍ରୀତା ନିଜ ଅଂଚଳରେ ଜଣେ ସମର୍ପିତ ସମାଜସେବୀ ଭାବେ ପରିଚିତ ହୋଇଛନ୍ତି । ଶିବିରରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ଓ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପଶୁପାଳୀ ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ବିକ୍ରମ ପଣ୍ଡା, ବିକାଶ ପାତ୍ର, ପ୍ରଶାନ୍ତ ଦାସ, ଗଣେଶ ମହାପାତ୍ର, ସନ୍ତୋଷ ସେଠୀ, ସତ୍ୟିତା ପଣ୍ଡା, ଶାଇଗୁଲ ଇକ୍ବ, ସିମନ ଦାସ ମହାପାତ୍ର, ଅସିତ ଦାସ, ତପନ ମଲ୍ଲିକ, ସୁଶାନ୍ତ ଜେନା, ବଦ୍ରୁଶେଖର ନନ୍ଦ, ସତୋହୁ ଦାସ, ରାଜେନ୍ଦ୍ର ଦାସ, ସଚ୍ଚିଦାନ୍ଦ ଜେନା, ରଞ୍ଜିତ୍ରେଖା ବେହେରା ଓ ଅମିୟ ରଞ୍ଜନ ମାଝିଙ୍କ ପ୍ରମୁଖ ଉପସ୍ଥିତି ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସୁଶାନ୍ତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ ।

ନୀଳଗିରିରେ ଜନଜାତୀୟ ଗୌରବ ଦିବସ ପାଳିତ



ନାଳଗିରି, ୧୬/୧୧ (ଆ.ପ୍ର) : ମହାନ ଜନଜାତୀୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ଉଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଅଳ୍ପ ଜ ଭାରତୀୟ ବିଦ୍ୟାଥୀ ପରିଷଦ, ନାଳଗିରି ନଗର ପକ୍ଷରୁ ଏମଆଜଟିଏ ମହାବିଦ୍ୟାଳୟ ପରିସରରେ ଜନଜାତୀୟ ଗୌରବ ଦିବସ ଶ୍ରଦ୍ଧା ଓ ଉଷାହର ସହିତ ପାଳନ ହୋଇ ଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚରଣା ଓ ବିତ୍ତାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏକା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶର ମହାନ ଜନଜାତୀୟ ବୀରମାନଙ୍କ ଇତିହାସ, ସଂସ୍କୃତି ଓ ଅବଦାନ ପ୍ରତି ସଚେତନତା ସୃଷ୍ଟି କରିବା ସହ ସେମାନଙ୍କ ଗୁଢ଼ଜନ୍ମାଜ ପ୍ରତିଭାକୁ ପ୍ରୋତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପ୍ରମୁଖ ପ୍ରମୁଖ କୁମାର ବେହେରା, ଆଡଗୋଳେଟ୍ ପ୍ରକାଶ ମହାରଣା, ରାଜ୍ୟ ସାର୍ଟିଫାର ସଂଯୋଜକ ସଞ୍ଜୀବ କୁମାର ମହାରଣା ଏବଂ ନାଳଗିରି ନଗର ଜନଜାତି ପ୍ରମୁଖ ଜିମ୍ ସିଂ ଉପସ୍ଥିତ ଥିଲେ । ଏଥିସହିତ ନାଳଗିରି ମହାବିଦ୍ୟାଳୟର ସୁସ୍ମି ସାଧାରଣ ସମ୍ପାଦକ ବାପୁଜୀ ସିଂ ଓ ଗୋପାଳ ସିଂ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ଜୀବନୀ, ସଂଘର୍ଷ ଓ ଜନଜାତି ସମାଜର ଅଧିକାର, ସ୍ୱାଭିମାନ ତଥା ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ଇଂରେଜ ଶାସନ ବିରୋଧରେ ତାଙ୍କର ସଂଘର୍ଷ ଓ ଜନଜାତି ସମାଜକୁ ସଂଗଠିତ କରିବାର ଅଦମ୍ୟ ଇଚ୍ଛାଶକ୍ତି ଭାରତୀୟ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ତାଙ୍କର ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଓ ମାତୃଭୂମି ପ୍ରତି ଅତୁଟ ସମର୍ପଣ ଆଜିର ଯୁବପିଢ଼ିଙ୍କୁ ଦେଶପ୍ରେମ, ସାମାଜସେବା ଓ ନିଜ ସଂସ୍କୃତି ପ୍ରତି ଗର୍ବବୋଧ କରିବାକୁ ସଦା ପ୍ରେରଣା ଯୋଗାଇବ । ଜନଜାତୀୟ ସମାଜର ଗୌରବମୟ ଇତିହାସ ଓ ମହାନ ବୀରମାନଙ୍କ ବଳିଦାନକୁ ନୂତନ ପିଢ଼ି ନିକଟରେ ପହଂଚାଇବା ଏବଂ ଛାତ୍ରଛାତ୍ରୀଙ୍କ ମନରେ ଜାତୀୟ ଚେତନା ଓ ସାଂସ୍କୃତିକ ମୂଲ୍ୟବୋଧ ଜାଗ୍ରତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ରାଜ୍ୟ କଂଗ୍ରେସ ସଭାପତି ଉକ୍ତ ଚରଣ ଦାସ ଓ ପ୍ରତିନିଧି ମଣ୍ଡଳୀଙ୍କ ନୂଆସାହି ସ୍ଥିତ ମୃତ ଦିନେଶ ବାଗ ସିଂ ଘରେ ପହଂଚିଲେ



ନାଳଗିରି, ୧୬/୧୧ (ଆ.ପ୍ର) : ନାଳଜକ ଦିନେଶ ବାଗସିଂ ହତ୍ୟା ମାମଲାର ଠା ପରିବାରକୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟ ରେ ନାଳଗିରି କଂଗ୍ରେସ ଜୋନଦାର ପ୍ରତିବାଦ କରିଆସୁଥିବା ବେଳେ ଆଜି ରାଜ୍ୟ କଂଗ୍ରେସ ସଭାପତି ଉକ୍ତ ଚର

ସମ୍ବାଦ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ପ୍ରକୃତ ଜ୍ଞାନ

ଚେତନା ବିହୀନ ମସ୍ତିଷ୍କ ଯୁକ୍ତ ଜୀବକୁ ପଶୁ ବୋଲି କୁହାଯାଇ ଥାଏ । ଚେତନା ଜ୍ଞାନ ହେତୁ ମଣିଷର ସ୍ଥାନ ଏକ ଭିନ୍ନ ସ୍ତରରେ ରହିଛି ପୃଥିବୀ ପୃଷ୍ଠରେ । ଚେତନା ଜ୍ଞାନର ପରିଭାଷା ଅସୀମ, ଅନନ୍ତ । ଜ୍ଞାନର ନିର୍ଦ୍ଦିଷ୍ଟ ସୀମା ଜ୍ଞାନୀ ପାଖରେ ମଧ୍ୟ ନଥାଏ । ଜ୍ଞାନକୁ ସଙ୍କଳରେ ଆବାଦ କରିବା ସମ୍ଭବ କାହାର ନାହିଁ । ଜ୍ଞାନର ବ୍ୟାପ୍ତି ପରିସର ମଧ୍ୟରୁ କାହା ପାଖରେ କେଉଁ ଆକାରରେ କିଟିକି କେଉଁ ପରିମାଣର ଜ୍ଞାନର ଉତ୍ପତ୍ତି ହୋଇଥାଏ ବୁଝିବା କଷ୍ଟ ! ଏହା ଏକ ପ୍ରକୃତିରେ ଜନ୍ମଗତ ଗୁଣ ମାତ୍ର ! ପାରିପାର୍ଶ୍ୱିକ ଶୈକ୍ଷଣିକତା କିଂବି ପ୍ରାରମ୍ଭିତ କରୁଥିଲେ ମଧ୍ୟ ପ୍ରକୃତ ଜ୍ଞାନ କେବଳ ଜନ୍ମଗତ । ଶୈକ୍ଷିକ ଜ୍ଞାନକୁ ଶିକ୍ଷା ମଧ୍ୟରେ ସୀମିତ ରଖାଯାଇ ପାରେ । ଶିକ୍ଷିତକୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା କେତକ ଏକ ସାମାଜିକ ବିଚାର ଜନିତ ହୋଇ ପାରେ, କିନ୍ତୁ ବାସ୍ତବ, ପ୍ରକୃତିକ ନୁହେଁ ! ଆଜିର ଆଜ୍ଞାନ ସମାଜରେ କାହାଦ୍ୱାରା ପ୍ରକାଶିତ ଲିଖିତ ବିଷୟକୁ ମସ୍ତିଷ୍କରେ ଜବତିତ କରି ନିଜକୁ ଜ୍ଞାନୀ ବୋଲି ସ୍ୱୟଂ ବିଚେତନା କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳେ ! ଉପଯୁକ୍ତ ଜ୍ଞାନ ରହିତ ମଣିଷଙ୍କ ବାର୍ତ୍ତାଳିକ ପରିଚାୟାକୁ ବୋଧଗମ୍ୟ କରିବାରେ ଅସମର୍ଥ ସାଧାରଣ ମଣିଷଙ୍କ ଦ୍ୱାରା ସେମାନଙ୍କୁ ଦିଆଯାଇଥିବା ମାନ୍ୟତା ଏକ ସାମାଜିକ କୁହେଳିକା ମାତ୍ର । କି'ନ୍ତୁ ପ୍ରାକୃତିକ, ବାସ୍ତବ ଜ୍ଞାନଙ୍କ ସ୍ଥିତି ସମ୍ପୂର୍ଣ୍ଣ କରିବା ଅତ୍ୟନ୍ତ ଜଟିଳ । ଶିକ୍ଷାରେ ଜ୍ଞାନ ଅହରଣ କରିବା ଏକ କଳା । ଜ୍ଞାନ କି'ନ୍ତୁ ଶିକ୍ଷାରୁ ଅତ୍ୟନ୍ତ ଲିଞ୍ଚିତ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ମାନସ ମନ୍ଥନ ତଥା ପ୍ରାକୃତିକ ଜ୍ଞାନର ପ୍ରଭାବ ଜିନ୍ନ ହୋଇଥାଏ । ତେଣୁ ଜ୍ଞାନକୁ ବିଚେତନା କରି ତା'ର ମୂଲ୍ୟାୟନ କରିବା ସାଧାରଣ କଥା ନୁହେଁ ! ହେଲେ ମଣିଷ ମସ୍ତିଷ୍କରେ ଉତ୍ପନ୍ନ ଜ୍ଞାନ ବିଭିନ୍ନ ସ୍ତରରେ ଦେଖିବାକୁ ମିଳେ । ଜ୍ଞାନକୁ ତ୍ରିସ୍ତରୀୟ ବିଭାଜି କରାଯାଇ ସଚେତନ, ଅବଚେତନ ଓ ଅବଚେତନ ଜ୍ଞାନର ବିଶ୍ଳେଷଣ କରି ଦେଖିଲେ ଜଣା ଯେବଳେ ଜ୍ଞାନର ମାତ୍ରା ଜାହାଣି ଉପରେ ନିର୍ଭର କରି ମଣିଷ କେଉଁ ପ୍ରକାର ଗରିଷ୍ଠିତ ପ୍ରଭାବ କରିଥାଏ । ଅସଚେତନ ଜ୍ଞାନ ମଣିଷର ନିଜସ୍ୱ ବିଶ୍ୱେଷ୍ଠିତ ଭାବଧାରା ରହିତ ପାରିପାର୍ଶ୍ୱିକ ପ୍ରଭାବରୁ ଉତ୍ପନ୍ନ, ପ୍ରଭାବିତ ଅବସ୍ଥାରୁ ଜାତ୍ତତ ହୋଇଥାଏ । ସଚେତନ ଜ୍ଞାନ ଜଣେ ମଣିଷର ନିଜସ୍ୱ ଭାବଧାରା ତଥା ଦୃଷ୍ଟିକୋଣ ଜନିତ ହୋଇଥାଏ । ଅବଚେତନ ଜ୍ଞାନ ଏକ ଜଟିଳ ଜ୍ଞାନ ଯାହା ମଣିଷର ମସ୍ତିଷ ମଧ୍ୟରେ ନିଜସ୍ୱ ନିୟନ୍ତ୍ରଣ ରହିଥିବ ଅବସ୍ଥାରେ ରହିଥାଏ ଯାହା ମଣିଷକୁ ଅଲୌକିକ ବିଚାର ସୃଷ୍ଟି କରିବାରେ ସହଯୋଗ କରୁଥିବା ବେଳେ କର୍ଭବ୍ୟ, ଅକର୍ଭବ୍ୟ ଗୁଡ଼ିକୁ ବିଶ୍ଳେଷଣ କରିବାରେ ସକ୍ଷମ କରିଥାଏ । ଅର୍ଥାତ ଏହି ତିନି ପ୍ରକାର ଜ୍ଞାନ ଉପରେ ଆଧାର କରି ବିଭିନ୍ନ ମଣିଷ ମାନଙ୍କର ସାମାଜିକ ସ୍ଥିତି ଦେଖିବାକୁ ମିଳେ ସମାଜରେ । ସେଗୁଡ଼ିକୁ ବିଶ୍ଳେଷଣ କରି ବିଭିନ୍ନ ମତବାଦ ତଥା ସାମାଜିକ ଜ୍ଞାନ ପରିବେଷଣ କରାଯାଇ ଅଛି ଯାହା ପିଢ଼ିକୁ ପିଢ଼ି ନୂତନତ୍ୱର ଆଶ ସଂଚାର କରିବା ବିଚାରର ସହାୟକ ହୋଇଥାଏ । ମଣିଷର ଜ୍ଞାନ ଜନିତ ଭାବଧାରା ଗୁଡ଼ିକୁ ସାମାଜିକ ମାନ୍ୟତା ଦେଇ ପ୍ରଚାର ପ୍ରସାର କରାଯିବାରେ ନୂତନ ପିଢିକୁ ପ୍ରେରଣା ମିଳୁଥିବା ବିଷୟ ସମସ୍ତେ ବୁଝିଥିବେ । କି'ନ୍ତୁ ଅନେକ ସମୟରେ ସେଗୁଡ଼ିକର ବିପରୀତ ବିଚାର ତଥା ଜର୍ତବ୍ୟନିଷ୍ଠତା ମଧ୍ୟ ମଣିଷକୁ ଜ୍ଞାଣର ପ୍ରକାଶପୟୀ କରିଥାଏ ଯାହା କେତେକ ଅଜ୍ଞାନୁଣିକ ବାକ୍ତିଙ୍କ ଦ୍ୱାରା ବିପରୀତରେ ପରିଲକ୍ଷିତ । ଜ୍ଞାନର ପରିଭାଷା କେବଳ ଶିକ୍ଷାଗତ ଯୋଗ୍ୟତା ଉପରେ ଆଧାରିତ ବୁଦ୍ଧଜୀୟତା ଦେଖିବାକୁ ମିଳୁଛି ଆଜିର ସମାଜରେ, କାରଣ ଜ୍ଞାନର ପ୍ରାକୃତିକ ଅନୁଶୀଳନ କରିବା ତଥା ଜ୍ଞାନର ସଙ୍ଗ ହ'ଣ କାହାକୁ କୁହୁନ୍ତି ! ସାଧାରଣ ଲୋକେ କେବଳ ଉଚ୍ଚ ଶିକ୍ଷିତକୁ ଜ୍ଞାନୀ ବୋଲି କହିବା ଏକ ସମୟ ସାପେକ୍ଷ ପରିପାର୍ଶ୍ୱିକ ଶୈକ୍ଷିକ ଭାବଧାରା ମାତ୍ର । ପ୍ରକୃତ ଜ୍ଞାନ କି'ନ୍ତୁ ଶିକ୍ଷା ଅପେକ୍ଷା ପ୍ରାକୃତିକ ଅବଦାନ ବୋଲି ବିଚାର ଶୂନ୍ୟ ମଣିଷ ପ୍ରାୟତଃ ସମସ୍ତେ । ଶିକ୍ଷାରୁ ଯଦି ଜ୍ଞାନ ଉତ୍ପନ୍ନ ହେବା ନିଶ୍ଚିତ ସମ୍ଭାବନା ରହିଥା'ନ୍ତା ତାହାରେ ଆଜି ସମାରରେ ଜ୍ଞାନଙ୍କ ସଂଖ୍ୟା ବହୁତ ବେଶୀ ହୋଇଥା'ନ୍ତା ତୁଳନାତ୍ମକ ଆମ ପୂର୍ବ ପୁରୁଷ । କି'ନ୍ତୁ ଆଜି ସମୟରେ ଜ୍ଞାନୀ ଦେଖିବାକୁ ବିରଳ କେମିତି ଏବଂ ଶିକ୍ଷିତ ନିଷିତ ଜ୍ଞାନୀ ନୁହେଁ କେମିତି ବିଚାର କରି ଦେଖିବେ ଜାଣିବେ । ଆମ ପୂର୍ବତ୍ତ ଦାର୍ଶନିକ ହୁଅନ୍ତୁ କିମ୍ବା ଅନ୍ୟ ସୋସିଆଲ ମେଡିଆରେ ନିଜକୁ ବାଦ୍ଧିବ୍ରୁ, ଯାହାଙ୍କ ଶିକ୍ଷାରେ ଯୋଗ୍ୟତା, ପ୍ରମାଣ ପତ୍ର କିଛି ନଥିଲା କିମ୍ବା ସେମାନେ କୌଣସି ବିଶ୍ୱବିଦ୍ୟାଳୟରୁ କେଉଁ ବିଷୟରେ ବିଶାରଦ ପଦ ପାଇନଥିଲେ । କି'ନ୍ତୁ ସେମାନେ ଯେଉଁ ସବୁ ବିଷୟ ଉପରେ ବିଭିନ୍ନ ମତବାଦ ରଖି ଯାଇଛନ୍ତି, ସେଗୁଡ଼ିକୁ ବୁଝି ତାହାର ଉପଯୁକ୍ତ ମୂଲ୍ୟାୟନ କରିବା ମଣିଷଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ ଦେଖିବାକୁ ମିଳୁଛି ଆଜି ସମୟରେ ଉଦାହରଣ ସ୍ୱରୂପ ବିଭିନ୍ନ କବି, ଲେଖକ, ଦାର୍ଶନିକଙ୍କ ମତବାଦ ଯେଉ କି ସାମାଜିକ ମାନବିକ ଚେତନା ଜ୍ଞାନ ଅଥବା ଯୋଗ, ଶରୀର ଶାସ୍ତ୍ର ଉପରେ ପୂର୍ବରୁ ଲିଖିତ ବିଭିନ୍ନ ବିଷୟ ଗୁଡ଼ିକ ଉପରେ କେବଳ ଗବେଷଣା କରି ସେଗୁଡ଼ିକୁ ପୁଖାନ୍ତ କରି ବ୍ୟାବହାର କରିବା ଛଡା ବର୍ତ୍ତମାନ ଅଧିକ ଗବେଷଣାତ୍ମକ ତଥ୍ୟ ବାହାର କରିବା ।

ଦ୍ରୁତ ଗାଡି ଚଳାଇଛି ଆମ ସମସ୍ତଙ୍କ ଜୀବନଶୈଳୀ । ସୀ ହୁଅନ୍ତୁ କି ପୁରୁଷ ଅବା ଛୋଟ ପିଲା, ଜିଶୋର ଜିଶୋରୀ, ଯୁବକ, ଯୁବତୀ ଅଧିକାଂଶ ଏବେ ମୋଟାପଣର ଶିକାର । ଏସବୁ ପଛର ମୂଳ କାରଣଟି ହେଉଛି ଆମର ଫିଜିକାଲ ଆକ୍ଟିଭିଟି ବା ଶାରୀରିକ ଗତିବିଧି ଶୂନ୍ୟ । ସାଧାରଣତଃ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ସ୍ୱାସ୍ଥ୍ୟକର ତଥା ସନ୍ତୁଳିତ ଖାଦ୍ୟ ବେଶ ଜରୁରୀ ହୋଇଥାଏ । ସ୍ୱାସ୍ଥ୍ୟକର ତାତ୍ତ୍ୱ ଯାହାକୁ କୁହାଯାଏ ଏହାର ଅର୍ଥ ହେଉଛି ଉତମ ପୋଷକ ତତ୍ୱଯୁକ୍ତ ଖାଦ୍ୟ । ବର୍ତମାନର ସମୟରେ ପ୍ରଥମତଃ ଅଧିକ ପୋଷକ ତତ୍ୱର ଭାରସାମ୍ୟ ତ ସହଜେ ଜଣୁନି ଯାହାପାଇଁ ଖୁବ କମ ବୟସରୁ ମଧ୍ୟ ଖାଦ୍ୟ ପ୍ରତି ଆଗ୍ରହ ବଢୁଥିବାବେଳେ ସେ ପରିମାଣର ଶରୀର ଚାଲୁଥିବା କରୁନି, ବର୍ତମାନର ସମୟରେ ଉଣା ଅଧିକ ଅନେକ ନିର୍ଦ୍ଦରଣୀୟ ହେଉଛନ୍ତି ତଥାକଥିତ ଯନ୍ତ ବ୍ୟବସ୍ଥା ଉପରେ ଏହାର କୁପରିଣାମ ହେଉଛି 'ମୋଟାପଣ' । ବହୁଠାରୁ ଉଦରେଗଜନକ ତ ଚିନ୍ତାଧାୟକ କଥାଟି ହେଉଛି ଛୋଟ ଛୋଟ ପିଲାମାନେ ବି ଏଥିରୁ ବାଦ ପଡୁନାଆନ୍ତି । ଖେଳିବା, ଦୌଡ଼ିବା, ଘଣ୍ଟିବା ଆଦି ପାଇଁ ସେମାନଙ୍କୁ ସମୟ କି ସୁଯୋଗ ମିଳୁନାହିଁ । ଫଳରେ ପିଲାଏ ମଧ୍ୟ ମେଦବହୁଳତାର ଶିକାର ହେଉଛନ୍ତି । ପିଲାଟି ଜୀବନ ଆରମ୍ଭରୁ ଯେଉଁ ମୋଟାପଣର ଦୋଝ ହୋଇ ଥାଏ ଏହା ତାହାର ଶାରୀରିକ, ମାନସିକ, ସୈତିକ ଓ ଶିକ୍ଷାଗତ କ୍ଷେତ୍ରରୁ ଗଭୀର ଭାବେ ପ୍ରଭାବିତ କରିଥାଏ । ବେଦବ ପିଲାମାନେ ନୁହଁନ୍ତି ବର୍ତମାନ ସମୟରେ ଏହି ମୋଟାପଣ ହିଁ ଆମ ପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି ।

ଦିନ ଥିଲା ଯେତେବେ ମୋଟାପଣକୁ ପାସ୍ତାତ୍ୟ ଦେଶ ଗୁଡ଼ିକର ସମସ୍ୟା ବୋଲି କୁହାଯାଉଥିଲା । କିନ୍ତୁ ଏବା କିଛି ବର୍ଷ ମଧ୍ୟରେ ଏହି ସମସ୍ୟା ବଢିବୁ, ସ୍ଫୁଜ ଓ ଅର୍ଦ୍ଧବିଜ୍ଞତିତ ରାଷ୍ଟ୍ରଗୁଡ଼ିକର ଚିନ୍ତାର କାରଣ ସାଜିଛି । ବିଶେଷକରି ଭାରତରେ ମେଦବହୁଳତାର ହାର ଦ୍ରୁତ ଗତିରେ ବଢ଼ି ଚାଲିଛି । ଅତୀତରେ ଯେଉଁ ଭାରତକୁ କୁପୋଷଣ ଏବଂ ରୁଗଣ ଲୋକଙ୍କ ଦେଶ ବୋଲି ଅପବାଦ ଶୁଣିବାକୁ ପଡୁଥିଲା ଆଜି ସେହି ଦେଶ ମୋଟାଲୋକଙ୍କ ଦେଶ ଡାକିବାରେ ପ୍ରଥମ ସ୍ଥାନରେ ପହଂଚି ଯାଇଛି । ଉତ୍ତର ସରକାରୀ ଓ ବେସରକାରୀ ଆକଳନ ଅନୁସାରେ ୨୦୧୨ ମସିହାରେ ୧୩.୫ କୋଟି ଭାରତୀୟ ଅଧିକ ଓଜନ ବା ମୋଟାପଣ ଜନି ସମସ୍ୟାରେ ପୀଡ଼ିତ ଥିଲେ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏହି ସଂଖ୍ୟା ଏବେ ଦ୍ରୁତ ଗତିରେ ବଢ଼ିଚାଲିଛି ଯେ ଏହା ଉପରେ ଅଙ୍କୁଶ ନ ଲଗାଇଲେ ଏହା ହୁଏତ ଦେଖୁଥିବା ସମସ୍ୟା ପାଲଟିଯିବ । ଏହିପରି ସମୟରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଯାହା ଉତ୍ସୁକ୍ତ କରିଛି ପ୍ରାୟ ୨୩ ପ୍ରତିଶତ ପୁରୁଷ ଏବଂ ୨୪ ପ୍ରତିଶତ ମହିଳାଙ୍କର ବଢ଼ି ମାପ ଇଣ୍ଡେକ୍ସ ୨୫, ଯାହା ନିର୍ଦ୍ଦିଷ୍ଟ ଭାବେ ଚିନ୍ତାର ପ୍ରସଙ୍ଗ । ଓବେସିଟି ଫାଉଣ୍ଡେସନ ଅଫ ଇଣ୍ଡିଆର ପ୍ରତିଷ୍ଠାତା ତଥା ଦେଶର ବିଶିଷ୍ଟ ଡେରିଆଟ୍ରିକ ସର୍ଜନ ଡକ୍ଟର ଉଦୀତ୍ତନ କୁମାରଙ୍କ ତଥ୍ୟ ଅନୁଯାୟୀ 'ଏବେଠାରୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାନଯାଏ ତେବେ ଅଳ୍ପ କିଛି ବର୍ଷ ମଧ୍ୟରେ ଏହା ମହାମାରୀର ରୂପ ନେଇପାରେ ।'

ଏକଥା ହୁଏତ ଅନେକଙ୍କୁ ବିଶ୍ୱାସ ହୋଇନପାରେ । କିନ୍ତୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ରିପୋର୍ଟ ଅନୁସାରେ ଭାରତରେ ଛୋଟପିଲାମାନେ ଉଦବେଗଜନକ ଭାରରେ ମୋଟା ହେଉଛନ୍ତି । ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ୨୦୧୯-୨୧ର ତଥ୍ୟ ଅନୁସାରେ ଭାରତରେ ପାଂଚ ବର୍ଷରୁ କମ ବୟସର ୩.୪ ପ୍ରତିଶତ ପିଲାଙ୍କ ଓଜନ ଆବଶ୍ୟକତା ତୁଳନାରେ ଯଥେଷ୍ଟ ଅଧିକ । ୨୦୧୫-୧୫ରେ ଆକଳନ ୨.୧ ପ୍ରତିଶତ ଥିଲା । ଏହି ଆକଳନ ଦେଖିବାକୁ ଛୋଟ ଲାଗୁଥାଇପାରେ । କିନ୍ତୁ ଯନ୍ତିସେଫର ଆକଳନ ଆଉ ଏକ ଚିନ୍ତ ଉପସ୍ଥାପନ କରୁଛି । ଯନ୍ତିସେଫର ତଥ୍ୟ ଅନୁସାରେ ଭାରତର ଜନସଂଖ୍ୟା ଏତେ ବିଶାଳ ହୋଇଥିବାରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ଆକଳନ ତୁଳନାରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଯୁନିସେଫର ବର୍ଷ ୨୦୨୨ର ଖୁଣ୍ଟି ଓବେସିଟି ଆଟଲାସ ଅନୁସାରେ ଭାରତରେ ୨ କୋଟି ୭୦ ଲକ୍ଷରୁ ଅଧିକ ପିଲାଙ୍କ ଓଜନ ମେଦବହୁଳ ପର୍ଯ୍ୟାୟରେ ଆସୁଛି । ସେହି ଦୃଷ୍ଟିରୁ ହିସାବ କଲେ ୨୦୩୦ ମସିହା ସୁଦ୍ଧା ସାରା ଦେଶର ପ୍ରତି ଦଶ ଜଣ ମେଦବହୁଳ ପିଲାଙ୍କ ମଧ୍ୟରେ ଜଣେ ଭାରତର ହୋଇଥିବ ।

ମୋଟାପଣ ପ୍ରତ୍ୟେକ ସାମାଜିକ ଏବଂ ଆର୍ଥିକ ବର୍ଗର ଲୋକଙ୍କ ସମସ୍ୟା । କିନ୍ତୁ ଏହି ସମସ୍ୟା ଗାଁ ତୁଳନାରେ ସହର, ବିଶେଷକରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାରରେ ଅଧିକ ଦେଖିବାକୁ ମିଳୁଛି । କାରଣ ଆର୍ଥିକ ସ୍ୱଚ୍ଛଳ ବର୍ଗ ଲୋକମାନେ ନିଜ ପିଲାଙ୍କୁ ଅଧିକ ପ୍ୟାର, ସୁଗାର ଏବଂ ଲୁଣ ଥିବା ଖାଏଟ ଦେଉଛନ୍ତି । ଏକଥା କହିବାର ଅର୍ଥ ହେଉଛି ଆର୍ଥିକ ସ୍ୱଚ୍ଛଳ ବର୍ଗର ପିଲାମାନେ ସେହିପରି ଡ୍ରିଙ୍କସ, ପିଜା, ବର୍ଗର, ଚିପ୍ସ, ପ୍ରାଜଙ୍କ ଅଦି ଖାଉଛନ୍ତି ଯେଉଁଥିରେ ଫ୍ୟାଟ, କାର୍ବୋହାଇଡ୍ରେଟ, ସୁଗାର କୋଲେଷ୍ଟରଲ ମାତ୍ରା ଅଧିକ ଥାଏ । ପୂର୍ବପରି ଆଉ ଘର ତିଆରି ଖାଦ୍ୟ ନାହିଁ କି ସୁଷମ ଖାଦ୍ୟ ଅର୍ଥ ଉଲ ଭାବେ ଅନେକ ଅଭିଭାବକ ବୁଝି ନଥାନ୍ତି । ପିଲାମାନଙ୍କର ଖାଦ୍ୟ ସହିତ ଅନ୍ୟ ସମସ୍ୟା ମଧ୍ୟ ରହୁଛି । ଏବେ ବି ଅନେକ ପିଲା ବିଶେଷ ଯାରରେ ପାଷ୍ଟପୁଡ଼ ଖାଦ୍ୟ ପ୍ରତି ଆସକ୍ତ ରହୁଥିବାରୁ ଏହା ମୋଳାକଙ୍କ ପାଇଁ ସମସ୍ୟାର କାରଣ ପାଲଟୁଛି । ସେହିପରି ଅନ୍ୟ ଏକ କାରଣ ହେଉଛି ପିଲାମାନେ ଶାରୀରିକ ବ୍ୟାୟାମ କରିବାର ଅବସର ଓ କ୍ଷେତ୍ର ମଧ୍ୟ ପାଉନାହାନ୍ତି । ସହରାଞ୍ଚଳର ପିଲାମାନଙ୍କ କ୍ଷେତ୍ରରେ ଖେଳକୁଦ କରିବପାରିବାର ଅନେକ କାରଣ ଅଛି । ଖୋଲା ଜାଗା ନାହିଁ, ପାର୍କରେ ଖେଳିବାର ସ୍ଥାନ ଅଭାବ ଯୋଅ ପରିବାର ନାହିଁ । ଏସବୁ ଯୁଡିରେ ପିଲାମାନେ ଖେଳିବା ପାଇଁ ଉପଯୁକ୍ତ ସାଥୀ ପାଉନଥିବାରୁ ସେମାନଙ୍କ ଦୂନିଆ ଟିଭି କିମ୍ବା ମୋବାଇଲ ଦେଖି ଦେଖି ଖାଦ୍ୟ ଖାଉଛନ୍ତି । ଦେଖୁ ଅନ୍ୟମନସ୍କ ହୋଇ ଅଧ୍ୟୟନରେ ଯଥେଷ୍ଟ ଅଧିକ ଖାଇଦେଉଛନ୍ତି । ଖେଳକୁଦ କରି ମେଦ ହ୍ରାସ କରିହୁଅନ୍ତା । ମାତ୍ର ଖେଳକୁଦ କରିବା ପାଇଁ ସ୍ଥାନ, ସମୟ ଓ ପରିବେଶରେ ଅତ୍ୟନ୍ତ ଅଭାବ । ଯାହାର ପ୍ରତ୍ୟକ୍ଷ ପ୍ରଭାବ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି । ପିଲା ସ୍ୱାସ୍ଥ୍ୟର ଅଧିକାରୀ ହେବା ଜନ୍ମରେ ଦିନକୁ ଦିନ ମେଦବହୁଳ ହେଉଛନ୍ତି ।

ବର୍ତମାନର ସମୟରେ ଅନିୟମିତ ଜୀବନଶୈଳୀକୁ ଯଦି ପରିବର୍ତ୍ତନ ନ କରିବା ଗାଧାଁ ଚାପରୁ ଦିବର ନରହିବା, ଅଧିକ ଗରିଷ୍ଠ ତେଲ ମସଲା, ଆମିଷ ଓ ମାଦକ ଦ୍ରବ୍ୟ ସହ ଆସନ୍ତୁ ହେବା ଏହିପରି ସମୟରେ ଜମ ପାଣି ପିଇବା ଓ ଶାରୀରିକ ବ୍ୟାୟାମରୁ ଦୂରେଇ ରହିବେ ଏହା ହିଁ କେତକ ମୋଟାପଣ ନୁହେଁ ବିଭିନ୍ନ ରୋଗର ବଡ଼ କାରଣ ପାଲଟିଥାଏ । ବର୍ତମାନ ଇଂଟରନେଟ ଆଉ ସୋସିଆଲ ମିଡ଼ିଆ ସମସ୍ତଙ୍କ ଜୀବନରେ । ସମସ୍ତେ ବିଭିନ୍ନ ୟୁଟ୍ୟୁବର ବିଶେଷଜ୍ଞଙ୍କ 'ଡାଏଟିଂ' ସମ୍ପର୍କରେ ବୁଝିବା ପାଇଁ ଆଗ୍ରହ ଦେଖୁଛନ୍ତି ତେବେ କେହି କେହି ଡାଏଟିଂକୁ ଖାଲି ଦେଖରେ ରହିବା ବୁଝିଥାନ୍ତି ଏହା ଆଦୌ ନୁହଁ ବରଂ ସୁଷମ ଓ ସନ୍ତୁଳିତ ଖାଦ୍ୟ ସହ ସୁସ୍ଥ ସ୍ୱାସ୍ଥ୍ୟ ଚିନ୍ତା କରୁଥିବା ତେବନାତି ହିଁ ହେଉଛି 'ଡାଏଟିଂ' ।

ଏମ୍.ଡ଼ି. ଏମ୍, (ଏଣ୍ଡୋକ୍ରାଇନୋଲୋଜି), ବିଶେଷଜ୍ଞ ଅନ୍ତଃସ୍ରାବୀ ରୋଗ (ଇଣ୍ଡୋକ୍ରାନ) ଚିକିତ୍ସକ
ସହକାରୀ ପ୍ରଫେସର, ଅନ୍ତଃସ୍ରାବୀ ରୋଗ ବିଭାଗ, କିମ୍ସ ପିଜିମ୍ସ ଏଟ ଏବଂ ଏସ୍, ଭୁବନେଶ୍ୱର, ଦୂରଭାଷ : ୮୭୭୩୬୮୮୩୩

ଇକୋମାର୍କ କ'ଣ ? କାହିଁକି ଜରୁରୀ ?

॥ ଡକ୍ଟର ତପନ କୁମାର ପାଳ ॥

ରାତି ପାହିଲେ ଆମେ ବଜାରକୁ ଯାଇଛୁ । ଖାଇବା ଜିନିଷ ପାତ୍ର ପନିପରିବା, ଚାଉଳ ପୁରା ସାମ୍ପ୍ରତ ପାତ୍ର କପଡ଼ା ପତ୍ର, ପାଣି ବୋତଲ ହେଉ ବା ଯେଉଜେମେଟ ସବୁ କୌଣସି ଜିନିଷ ଆଜ କିଣୁ ଆମକୁ କେବଳ ଏହାର ବାହ୍ୟ ଚାକଚକ୍ୟ ସେଥିରେ ଆକର୍ଷିତ କରିଥାଏ । କିନ୍ତୁ ଏହା ସବୁର କେ ପରିଣତି ହେଉଛି ତାହା ଆମେ ଶୁଣିବାକୁ ପାଇଥାଉ । ଆମ ଚାରିପାଖରେ ଥିବା ପ୍ରାକୃତିକ ସମ୍ପଦ ଯଥା ଜଳ, ଜଙ୍ଗଲ, ଜମି ଆଦି ଆମର ଜୀବନ ଧାରଣ ପାଇଁ ଅତ୍ୟନ୍ତ ଜରୁରୀ । ଏହାକୁ ଆମେ ଜୀବନ ଦାୟୀ ସମ୍ପଦ ବୋଲି କହିଥାଉ । ଏହି ସମ୍ପଦ ଗୁଡ଼ିକ ଆମ ପାଇଁ ଅମୂଲ୍ୟ ଉପହାର । ଏହାକୁ ଆମେ ଯେତେ ଭଲ ପାଉ ସେତେ ଆମ ଜୀବନ ଉପଯୋଗୀ ହୋଇଥାଏ । ଏହାକୁ ଆମେ ଯେତେ ଅବହେଳା କରୁ ସେତେ ଏହା ଆମ ପାଇଁ ଅଭିଶାପ



ସେଥୋ ଆରମ୍ଭ

SETHO ARAMBHA



ମଙ ଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସବୁଜ ଜହର ଗଞ୍ଜେଇ ଚାଷର ଆଡ୍ଡା ପାଲଟୁଛି ବଣାଇଁ



ବଣାଇଁ, ୧୬/୧୧ (ଆ.ପ୍ର) : ସବୁଜ ବଣାନୀ, ପାହାଡ଼ ଓ ଜଙ୍ଗଲ ଘେରା ବଣାଇଁ ଉପଖଣ୍ଡ ଏବେ ବେଆଇନ ଗଞ୍ଜେଇ ଚାଷକୁ ନେଇ ଚର୍ଚ୍ଚାରେ । ଅଂଚଳର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଚାଷ ହେଉଥିବା ନେଇ ବାରମ୍ବାର ଅଭିଯୋଗ ସାମ୍ନାକୁ ଆସୁଥିବାରୁ ସ୍ଥାନୀୟ ଅଂଚଳରେ ଚିନ୍ତା ବଢ଼ିଛି । ଏହି ବେଆଇନ କାରବାର ପଛରେ ଜେଡଙ୍କ କିଛି ଚାଷୀ ନା ଏହା ପଛରେ କୌଣସି ବଡ଼ ନେଟୱାର୍କ କାମ କରୁଛି, ତାହା ତଦନ୍ତସାପେକ୍ଷ । ସୂଚନା ଅନୁଯାୟୀ, ପୂର୍ବରୁ ଗୁରୁଣିଆ ଆମ୍ବା ଅନ୍ତର୍ଗତ ଜିଲ୍ଲା ଗ୍ରାମରେ ଗଞ୍ଜେଇ ଚାଷ ହୋଇଥିବା ନେଇ ସୋସିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଅଂଚଳରେ ବେଆଇନ ଚାଷ ହେଉଥିବା ଅଭିଯୋଗ ସତ୍ତ୍ୱେ ଏହାକୁ ରୋକିବା ବିଷୟରେ ବିଭାଗୀୟ ତତ୍ପରତାକୁ ନେଇ ପ୍ରଶ୍ନ ଉଠିଛି । ଏତେ ବିଭାୟତପାଇଁ ଆନା ଅଂଚଳର ବରାଘାଟ ଗ୍ରାମ ନିକଟସ୍ଥ ଗୁରୁତ୍ୱା ନାଳ ପଠାରେ ମଧ୍ୟ ଗଞ୍ଜେଇ ଚାଷ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ରାଜ୍ୟରେ ତତ୍ପ ଅଭିଯାନ, ବଣାଇଁରେ କେବେ ? ଉଡ଼ିଶାରେ ବେଆଇନ ଗଞ୍ଜେଇ ଚାଷ ରୋକିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଅଭିଯାନ ଚାଲିଛି । ୨୦୨୫-୨୬ ଫସଲ ଋତୁରେ ରାଜ୍ୟର ୬ଟି ଚିହ୍ନଟ ଜିଲ୍ଲାରେ ୩୬,୫୦୮ ଏକରରୁ ଅଧିକ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଥିବା ନେଇ ସରକାରୀ ତଥ୍ୟ ଆଧାରରେ ଖବର ପ୍ରକାଶ ପାଇଛି । ଏମ୍ପମଧ୍ୟରୁ ୬,୬୩୨ ଏକରରୁ ଅଧିକ ସରକାରୀ ଓ ଗାଇସ୍ୱ ଜମି ଥିଲା । ଅନ୍ୟପକ୍ଷରେ, ୨୦୨୬ ଅଗଷ୍ଟରେ ରାଜସ୍ୱ ବିଭାଗ ପକ୍ଷରୁ ଛଅଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସରକାରୀ ଜମିରେ ଗଞ୍ଜେଇ ଚାଷ ରୋକିବା ଓ ପୂର୍ବରୁ ଚାଷ ନଷ୍ଟ ହୋଇଥିବା ଜମି ଉପରେ ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୌଣସି ଅଧିକାରୀ ଏହି ବେଆଇନ କାରବାରକୁ ସହଯୋଗ କରୁଥିବା ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନର ବେତାବନୀ ମଧ୍ୟ ଦିଆଯାଇଥିଲା । ଏନ୍‌ଡ଼ିପିଏସ୍ ଆଇନରେ ରହିଛି କଠୋର ବ୍ୟବସ୍ଥା ଗଞ୍ଜେଇ ଗଛ ଚାଷ କରିବା ଏନ୍‌ଡ଼ିପିଏସ୍ ଆକ୍ଟ, ୧୯୮୫ ଅନୁଯାୟୀ ଦଣ୍ଡନୀୟ ଅପରାଧ । ଏହି ଆଇନର ଧାରା ୮ ଅନୁଯାୟୀ ନିଷିଦ୍ଧ ଚାଷ ଓ ଜାଗାର ଉପରେ କଟକଣା ରହିଛି । ଧାରା ୧୮ ଓ ୨୦ରେ ମଧ୍ୟ ସମ୍ପୃକ୍ତ ନିଖାଡ଼ୁବାଦ ପ୍ରକାର ଓ ଅପରାଧ ଅନୁଯାୟୀ ଦଣ୍ଡବିଧାନ ରହିଛି । ଆଜି ସାଧାରଣ ଜନତାଙ୍କ ପ୍ରଶ୍ନ ଯେ କିଣ୍ଟୋ ଓ ବରଘାଟ ଅଂଚଳରେ ହୋଇଥିବା ଅଭିଯୋଗର ପ୍ରକୃତ ସତ୍ୟତା ଯାଂଚ ହୋଇଛି କି ? ସମ୍ପୃକ୍ତ ଅଂଚଳରେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଦଳର କରାଯାଇଛି କି ? ବେଆଇନ ଚାଷ ପଛରେ କୌଣସି ଅର୍ଥ ଯୋଗାଣକାରୀ ଜିୟ ତତ୍ କାରଖାରୀଙ୍କ ସମ୍ପୃକ୍ତି ରହିଛି କି ? ପୂର୍ବରୁ ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକ ଉପରେ ନିୟମିତ ନିରୀକ୍ଷଣ ହେଉଛି କି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ବିଭାଗୀୟ ତଦନ୍ତ ପରେ ହିଁ ଜଣାପଡ଼ିବ । ବଣାଇଁ ଅଂଚଳରେ ଉଠିଥିବା ଏହି ଅଭିଯୋଗକୁ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଓ ପୋଲିସ ବିଭାଗ କେତେ ଗୁରୁତ୍ୱ ଦେଇଛନ୍ତି, ତାହା ଏବେ ଦେଖିବାର କଥା ।

ବାଇକ୍ ଦୁର୍ଘଟଣାରେ ୩ ଯୁବକ ଗୁରୁତର ଆହତ, ଏମକେସିଜି ସ୍ଥାନାନ୍ତର

ଜି.ଉଦୟଗିରି, ୧୬/୧୧ (ଆ.ପ୍ର) : ଜି.ଉଦୟଗିରି ଜଳିଘୀ ଗାଡ଼ୀ ଘାଟପଥ ରାଉପଡା ଛକ ନିକଟ ମୁଖ୍ୟମାର୍ଗରେ ଏକ ବାଇକ୍ ଦୁର୍ଘଟଣାରେ ତିନିଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁ ଜଣଙ୍କୁ ଉନ୍ନତ ସ୍ତରି ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଜଳିଘୀ ଜୁଡ଼ୁଡ଼ିପାଡ଼ି ଗ୍ରାମ ସଚିନ ପ୍ରଧାନ, ଜଳିଘୀ ଗେଟ୍ ସହିର ଗମ୍ଭୀର ପ୍ରଧାନ ଏବଂ ଜୁଡ଼ୁଡ଼ିପାଡ଼ି ମାହାନାୟୁର ଉଇସ




ପ୍ରଧାନ ଗୋଟିଏ ଆକ୍ଟିଭା ବାଇକରେ ଜି.ଉଦୟଗିରିକୁ ଜଳିଘୀ ଫଟୁ ଆସୁଥିବା ବେଳେ ମୁଖ୍ୟମାର୍ଗରେ ଏକ ଅଜଣା ଗାଡ଼ି ସହ ବାଇକ୍‌ଟିର ସାଇଡ ଅକୁଲୁ ଲାଗିଥିଲା । ଫଳରେ ବାଇକରେ ଥିବା ତିନିଜଣ ସୁଦ୍ଧକ ରାସ୍ତା ଉପରେ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ । ଉକ୍ତ ସ୍ଥାନରେ ପ୍ରବଳ କୁହୁଡ଼ି ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିଟି ଘଟଣାସ୍ଥଳରୁ ପେଗାର ହୋଇଯାଇଥିଲା । ଖବର ପାଇ ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ଏଏସ୍‌ଆଇ ବରାଜୁ ହୋତା, ଜନଶ୍ରେକର ଗୋବିନ୍ଦ ମଲ୍ଲିକ ଏବଂ ଦଳବଳ ଆଇଆରବି ଯବାନ ଘଟଣାସ୍ଥଳରେ ପହଂଚିଥିଲେ । ସେମାନଙ୍କ ସହ ଯୁବ ସମାଜସେବୀ ଆମନ ଚନ୍ଦ୍ର ମାଝୀ ଓ ଅଞ୍ଚଳ ପ୍ରଧାନ ମଧ୍ୟ ପହଂଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ଦୁଇଜଣ ଆହତଙ୍କୁ ଆମ୍ବା ଅଦ୍ଧାରୀ ପୋଲିସ ଗାଡ଼ିରେ ଆଣିଥିବା ବେଳେ ଅନ୍ୟ ଜଣଙ୍କୁ ଅଡ଼ିଆଁ ବାହିନୀ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଆହତମାନଙ୍କ ଚିକିତ୍ସା କରିବା ପରେ ଦୁଇଜଣଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେମାନଙ୍କୁ ଏମକେସିଜି ମେଡିକାଲକୁ ପଠାଯାଇଛି । ଅନ୍ୟ ଜଣେ ଜି.ଉଦୟଗିରି ମେଡିକାଲରେ ଚିକିତ୍ସିତ ରହିଥିବା ସୂଚନା ରହିଛି । ସ୍ୱାସ୍ଥ୍ୟ କେନ୍ଦ୍ର ସୂଚନା ଅନୁଯାୟୀ, ଆହତ ଜଣାଙ୍କ ପ୍ରଧାନଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର, ୧୬/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ କେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୩୭ ଟି ଅଭିଯୋଗ ପତ୍ରୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୩ ଟି, ଗୋଷ୍ଠାଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ଯୋଜନା ସମ୍ପର୍କୀୟ ୧୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୨ ଟି, ପୋଲିସ ସହାୟତା ପାଇବା ପାଇଁ ୮ ଟି, ଭତା ପାଇବା ପାଇଁ ୫ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧୮ ଟି ଏବଂ ଅନ୍ୟାନ୍ୟ ୪୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୮ ଟି ଅଭିଯୋଗର ତତ୍କାଳ ଫରସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଗ୍ରଣୀ ଅଧିସ୍ତର ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟେଷ୍ଠି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ଦ୍ଦାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଙ୍ଗୁ, ଉପ ଜିଲ୍ଲାପାଳ ପ୍ରଣୀତ କୁମାର ତରାଇ, ବୁଲ୍ ଜନ୍ୟୟନ ଅଧିକାରୀ, ଜଗତସିଂହପୁର, ତହସିଲଦାର, ଜଗତସିଂହପୁର, ଜିଲ୍ଲାସ୍ତରୀୟ ଅଧିକାରୀ, ଖେତ୍ରୀୟ ଅଧିକାରୀ, ବୁକ୍ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

ମହାଶକ୍ତି ଫାଉଣ୍ଡେସନର ୨୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବଣପଲ୍ଲୀ, ୧୬/୧୧ (ଆ.ପ୍ର) : ଅଗ୍ରଣୀ ସେ୍ୱଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ୨୨ ତମ ବାର୍ଷିକ ସାଧିକଳା ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଆନେ୍ତର ସ୍ୱାତୀରେ ବିଜୟ ଧ୍ୱାଜକୁ ଗତିଶୀଳ କରିବା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଥିଲା । ବୃଶ୍ଚମୂଳ ସ୍ତରୀୟ ଦେବୀ ଅନୁଷ୍ଠାନ ମାନଙ୍କ ସ୍ୱାୟିତ୍ୱ ତଥା ବିଭିନ୍ନ ପ୍ରକାର ବିକାଶ ସମ୍ବନ୍ଧ କାର୍ଯ୍ୟକ୍ରମ ଗୁଡିକ ପରିଚାଳନାରେ ବିକାଶ କର୍ମୀଙ୍କ ଭୂମିକା ଥିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ଡ. ଦେବାଶିଷ ମହାପାତ୍ର ଓ ଡୋର୍ଟ ସଦସ୍ୟା, ଡ. ଆରା ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନା କରିଥିବା ବେଳେ ମହାଶକ୍ତି ଫାଉଣ୍ଡେସନର ବାର୍ଷିକ ବିବରଣୀ ଟିପିଓଡିଓଏଲ୍‌ର ସି.ଏସ.ଆର ମୁଖ୍ୟ ଦନୁୟ ମହାନ୍ତି, ରିଲାଏନ୍ସ ଫାଣ୍ଡେସନର ମୁଖ୍ୟ ରାଜିବର ସିଂହ, ଏଆଇଏଚ ବିଶ୍ୱବିଦ୍ୟାଳୟର ଡିନ୍, ଏଚଡିଏଫସି ବ୍ୟାଙ୍କ ର ସିସଏଆର ମୁଖ୍ୟ, ଜିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଶ୍ୱେତାଲାନା ହୋତା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦାନ କରି ଶୁମାଂଚନରେ ରାଜିଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକ ପରିଚାଳନାରେ ବିକାଶ କର୍ମୀଙ୍କ ଭୂମିକା ଥିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ଡ. ଦେବାଶିଷ ମହାପାତ୍ର ଓ ଡୋର୍ଟ ସଦସ୍ୟା, ଡ. ଆରା ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନା କରିଥିବା ବେଳେ ମହାଶକ୍ତି ଫାଉଣ୍ଡେସନର ବାର୍ଷିକ ବିବରଣୀ ଓ ସଫଳ ଜାହାଣୀ ସମ୍ପର୍କିତ ପୁସ୍ତକ ଉନ୍ମୋଚନ ଓ ମୋହନ କୁମାର ବଳିୟାରସିଂହ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶୁଭଶ୍ରୀ ମହାପାତ୍ର ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ ଯୋଗୁଁ ଏହା ସଫଳ ହୋଇଥିବାରୁ ଅନୁଷ୍ଠାନିକ ଭାବେ ସମସ୍ତଙ୍କ ନିକଟରେ କୃତଜ୍ଞତା ଜଣେଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ଅସ୍ୱାସ୍ଥ୍ୟକର ପରିବେଶରେ ଗୁଳିମରା ସାହି ପୋଖରୀ, ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ



ବାଲିଗୁଡ଼ା, ୧୬/୧୧ (ଆ.ପ୍ର) : ସାଧାରଣ ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ପ୍ରଶାସନ କେତେ ସଚେତନ, ତାହାର ଏକ ନଗ୍ନ ଉଦାହରଣ ପାଇଛି ବାଲିଗୁଡ଼ା ବିଜୟପିତ ଅଂଚଳ ପରିଷଦର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଗୁଳିମରା ସାହିରେ ଥିବା ପୋଖରୀ । ଦୀର୍ଘଦିନ ଧରି ଗଣାଶୌଚରେ ଓ ସଫେଇ ଅଭାବରୁ ଏହି ପୋଖରୀ ଏବେ ଏକପ୍ରକାର ଅବହେଳିତ ଜଳାଶୟରେ ପରିଣତ ହୋଇଛି । ପୋଖରୀ ସାରା ଅଳାବନା ଗନ୍ଧଇଲା ଓ ଜନଜଳରେ ଭର୍ତ୍ତି ହୋଇ ରହିଥିବାବେଳେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି । ବାଲିଗୁଡ଼ା ଭେରି ପଛପାଖରେ ଥିବା ଏହି ସାହିରୁ କିମାର ଗାଁକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ରହିଛି ଉକ୍ତ ପୋଖରୀ । ଏହାର ଅସ୍ୱାସ୍ଥ୍ୟ ଏତେ ଶୋଚନୀୟ ହୋଇପଡ଼ିଛି ଯେ ପାଣି ଓ ଜନଜଳ ମଧ୍ୟରେ ପଚକ ଜାଣିବା ଲକ୍ଷକର ହୋଇପଡ଼ିଛି । ଏହା କେବଳ ପରିବେଶକୁ ଦୂଷିତ କରୁନାହିଁ, ବରଂ ମଶା ମାଛିଙ୍କ ବଂଶବୃଦ୍ଧି ସହ ବିଭିନ୍ନ ଚର୍ମରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ମଧ୍ୟ ସୃଷ୍ଟି କରୁଛି । ସବୁଠାରୁ ବିପାଜନକ ବିଷୟ ହେଉଛି, ଜିଛିଦିନ ପୂର୍ବରୁ ଏହି ସାହିର ଜଣେ ଯୁବକ ପୋଖରୀର ଗନ୍ଧଇଲା ଜଳ ମଧ୍ୟରେ ଝମ୍ପ ହୋଇ ମୃତ୍ୟୁବରଣ କରିଥିବା ଘଟଣା ସାମ୍ନାକୁ ଆସିଥିଲା । ଏଭଳି ଦୃଶ୍ୟାଗତ ଘଟଣା ପରେ ମଧ୍ୟ ପୋଖରୀର ସଫେଇ ଓ ସୁରକ୍ଷା ବ୍ୟବସ୍ଥାରେ ଆଖିବୁଜିଥିବା ପ୍ରତିଦର୍ତନ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଆଗକୁ ଆଉ କୌଣସି ଅଘଟଣ ଘଟିବାର ଆଶଙ୍କାରେ ଏଥିପାଇଁ ଦାୟୀ କିଏ ରହିବ ବୋଲି ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ବାଲିଗୁଡ଼ା, ଏନ୍.? ଏହି କାର୍ଯ୍ୟନିର୍ବାହୀ ଅଧିକାରୀ ବିଦେ୍ୟାନନ୍ଦ ବରାଲଙ୍କୁ ପଚାରିବାରୁ, ଘଟଣାଟି ତାଙ୍କ ଦୃଷ୍ଟିକୁ ଆସିଥିବା ସ୍ୱୀକାର କରିବା ସହ ପରିସ୍ଥିତି ଅନୁଧ୍ୟାନ କରି ଜମିଚାରା ପଠାଇ ପୋଖରୀ ସଫା କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ତେବେ କେବଳ ଆଶ୍ୱାସନା ନୁହେଁ, ତୁରନ୍ତ ପୋଖରୀରୁ ଜଳକଜ ଓ ଅନାବଶ୍ୟକ ଗନ୍ଧଇଲା ସଫା କରିବା, ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କରିବା ସହ ନିୟମିତ ଜଳାଶୟ କାର୍ଯ୍ୟକ୍ରମକୁ ସୁରୁଖୁରୁ ରୂପେ ପରିଚାଳନା କରିବା ସହ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ସେ ନିଦ୍ଧାର ସହ କାର୍ଯ୍ୟ କରିବେ । ବିଶେଷକରି ତୃଣମୂଳ ସ୍ତରରେ ଯୁବ ସଂଗଠନକୁ ସୁଦୃଢ଼ କରିବା ଦାଳର ପ୍ରାଥମିକତା ରହିବ ବୋଲି ସେ ମତପ୍ରକାଶ କରିଛନ୍ତି । ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ବଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ରାଜ୍ୟ ଯୁବ ସଭାପତି ବିଦ୍ୟୁତ କୁମାର ସାହୁ, ରାଜ୍ୟ ସାମ୍ବାଦିକ ଆବିତ୍ୟ ନନ୍ଦ, ଜିଲ୍ଲା ସଭାପତି ପ୍ରତୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜୁନାଗଡ଼ ବିଧାୟକ ଜ୍ୟାପଟେକ ବିଦ୍ୟାଧରଙ୍କ ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ବିଜୁ ଚରିଷ୍ଟ ଉପସଭାପତି ଧର୍ମେନ୍ଦ୍ର ନାଏକ, ଜିଲ୍ଲା ଯୁବ ସଭାପତି ଅଜିତାଶ ଠାକୁର, ବଡ଼ି ପଟ୍ଟନାୟକ, ଚାଙ୍କର ବଡ଼ଜାର ତଥା ମାର୍ଗଦର୍ଶକ ସତ୍ୟଜିତ ଦାସ, ରାଜ୍ୟ ଯୁବ ଉପସଭାପତି ମନାରୁ ମାଝୀ ଓ ମଂଚ୍ଚ ନାଏକଙ୍କ ସମେତ ଜିଲ୍ଲାର ସମସ୍ତ ବଳାୟ କର୍ମକର୍ତ୍ତା ଓ ସେ୍ନହୀମାନଙ୍କୁ ଏ ଅବସରରେ ଜଣାଇଛନ୍ତି । ବିଶେଷକରି ନିଜ ନିର୍ବାଚନମଣ୍ଡଳୀ ଓ ବୁକ୍ କମିଟିର ସମସ୍ତ ନେତୃମଣ୍ଡଳୀଙ୍କ ସହଯୋଗ ଓ ସମର୍ଥନ ପାଇଁ ସେ କୃତଜ୍ଞତା ପ୍ରକାଶ କରିଛନ୍ତି । ନୂତନ ଦାୟିତ୍ୱ ମାଧ୍ୟମରେ ଯୁବକମାନଙ୍କୁ ବଳାୟ ସଂଗଠନ ସହ ଯୋଡ଼ିବା ଏବଂ ତୃଣମୂଳ ସ୍ତରରେ ବଳକୁ ଅଧିକ ସକ୍ରିୟ କରିବାକୁ ଦିଗରେ ଜଣ. ଗଣେଶ ବାଗ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି ।

ଇଂ. ଗଣେଶ ବାଗଙ୍କୁ ବିଜେଡି ଜିଲ୍ଲା ଯୁବ ଉପସଭାପତି ଦାୟିତ୍ୱ



ଜୟପାଟଣା, ୧୬/୧୧ (ଆ.ପ୍ର) : କଳାହାଣ୍ଡି, ବଳାୟ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଇଂ. ଗଣେଶ ବାଗଙ୍କୁ ପୁନର୍ବାର ବିଜୁ ଜନତା ଦଳ (ବିଜେଡି)ର କଳାହାଣ୍ଡି ଜିଲ୍ଲା ଯୁବ ଉପସଭାପତି ଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ନୂତନ ଦାୟିତ୍ୱ ପାଇବା ପରେ ଇଂ. ବାଗ କହିଛନ୍ତି ଯେ, ଦଳର ନୀତି ଓ ଆଦର୍ଶକୁ ଆଧାର କରି ସମସ୍ତ ବଳାୟ କାର୍ଯ୍ୟକ୍ରମକୁ ସୁରୁଖୁରୁ ରୂପେ ପରିଚାଳନା କରିବା ସହ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ସେ ନିଦ୍ଧାର ସହ କାର୍ଯ୍ୟ କରିବେ । ବିଶେଷକରି ତୃଣମୂଳ ସ୍ତରରେ ଯୁବ ସଂଗଠନକୁ ସୁଦୃଢ଼ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ସେ ମତପ୍ରକାଶ କରିଛନ୍ତି । ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ବଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ରାଜ୍ୟ ଯୁବ ସଭାପତି ବିଦ୍ୟୁତ କୁମାର ସାହୁ, ରାଜ୍ୟ ସାମ୍ବାଦିକ ଆବିତ୍ୟ ନନ୍ଦ, ଜିଲ୍ଲା ସଭାପତି ପ୍ରତୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜୁନାଗଡ଼ ବିଧାୟକ ଜ୍ୟାପଟେକ ବିଦ୍ୟାଧରଙ୍କ ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ବିଜୁ ଚରିଷ୍ଟ ଉପସଭାପତି ଧର୍ମେନ୍ଦ୍ର ନାଏକ, ଜିଲ୍ଲା ଯୁବ ସଭାପତି ଅଜିତାଶ ଠାକୁର, ବଡ଼ି ପଟ୍ଟନାୟକ, ଚାଙ୍କର ବଡ଼ଜାର ତଥା ମାର୍ଗଦର୍ଶକ ସତ୍ୟଜିତ ଦାସ, ରାଜ୍ୟ ଯୁବ ଉପସଭାପତି ମନାରୁ ମାଝୀ ଓ ମଂଚ୍ଚ ନାଏକଙ୍କ ସମେତ ଜିଲ୍ଲାର ସମସ୍ତ ବଳାୟ କର୍ମକର୍ତ୍ତା ଓ ସେ୍ନହୀମାନଙ୍କୁ ସେ ଏ ଅବସରରେ ଜଣାଇଛନ୍ତି । ବିଶେଷକରି ନିଜ ନିର୍ବାଚନମଣ୍ଡଳୀ ଓ ବୁକ୍ କମିଟିର ସମସ୍ତ ନେତୃମଣ୍ଡଳୀଙ୍କ ସହଯୋଗ ଓ ସମର୍ଥନ ପାଇଁ ସେ କୃତଜ୍ଞତା ପ୍ରକାଶ କରିଛନ୍ତି । ନୂତନ ଦାୟିତ୍ୱ ମାଧ୍ୟମରେ ଯୁବକମାନଙ୍କୁ ବଳାୟ ସଂଗଠନ ସହ ଯୋଡ଼ିବା ଏବଂ ତୃଣମୂଳ ସ୍ତରରେ ବଳକୁ ଅଧିକ ସକ୍ରିୟ କରିବାକୁ ଦିଗରେ ଜଣ. ଗଣେଶ ବାଗ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି ।

ଜିଲ୍ଲାସ୍ତରୀୟ ଜାତୀୟ ପ୍



ସିଏଚ୍‌ଜେ ଆରମ୍ଭ

SEITHO ARAMBHA



ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଆଭାସୀ ମଧ୍ୟରେ କଲ୍ୟାଣସିଂହପୁର ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ



କଲ୍ୟାଣସିଂହପୁର, ୧୬/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଣାଗୁଡା ପଂଚାୟତରେ ଅବସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଆଭାସୀ ମଧ୍ୟରେ ଡିଜିଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି । କଲ୍ୟାଣସିଂହପୁରରେ ବ୍ଲକ ଅଧ୍ୟକ୍ଷା ଅମ୍ବିକା ଜାନ୍ତୁଆ, ଅତିରିକ୍ତ ତହସିଲଦାର ଅନାଦି ଖଡର, (କ) ଜୋନର ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, (ଖ) ଜୋନର ସଭାପତି ଅନିଲ କୁମାର ଜାଡ଼ି, ସହକାରୀ ଯନ୍ତ୍ରୀ କ୍ଷୀରୋଦ କାଲ, ସମିତି ସଦସ୍ୟା କୁନାଳା ପଦ୍ମା, ସଂଗୀତିକ କାର୍ଯ୍ୟକ୍ରମ ଅତିଥିଗଣ ମଂଚାସିନ ରହିଥିଲେ । କାର୍ଯ୍ୟକ୍ରମ ରେ ସହକାରୀ ଯନ୍ତ୍ରୀ କ୍ଷୀରୋଦ କାଲ ସଭାପତିତ୍ୱ କରିଥିଲେ । ଆଦିବାସୀନେତା ଦିର୍ସା ମୁଣ୍ଡାଙ୍କ ଜୟନ୍ତି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ କୁ ଉଦଘାଟନ କରିଥିଲେ । ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଉଦଘାଟନ କରାଯାଇଛି । ଏହି ବିଦ୍ୟାଳୟ ମାଧ୍ୟମରେ ଆଦିବାସୀ ଅଂଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ଓ ଉତମ ଭବିଷ୍ୟତ ଗଢ଼ିବାର ସୁଯୋଗ ପାଇପାରିବେ । ଶିକ୍ଷା ସହିତ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୃଙ୍ଖଳାକୁ ମଧ୍ୟ ଗୁରୁତ୍ୱ ଦେବ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ହିଁ ଏହି ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ । ଆଦିବାସୀ ଅଂଚଳରେ ଶିକ୍ଷାର ଆଲୋକ ପହଂଚାଇବା ଦିଗରେ ଏକଲବ୍ୟ ବିଦ୍ୟାଳୟର ଭୂମିକା ନିର୍ଣ୍ଣିତ ଭାବେ ପ୍ରଶଂସନୀୟ । କାର୍ଯ୍ୟକ୍ରମକୁ ମଞ୍ଚରେ ସମ୍ପୃକ୍ତ ଅଧିକାରୀ ଚନ୍ଦନ ଦାସ କଙ୍ଗାରୀ ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସମ୍ପୃକ୍ତ ସହଯୋଗ କରିଥିଲେ । ଶିରିପୁର ଏସ ଏସ ବି ବିଦ୍ୟାଳୟର ଶିକ୍ଷକ ଗୁରୁପ୍ରସାଦ ପଢ଼ି ମୋହନ ମଂଚ ପରିଚାଳନା କରିଥିଲେ ।

ଛତ୍ରପୁରରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



ଚିତ୍ରିତି, ୧୬/୧୧ (ଆ.ପ୍ର) : ଗଂଜାମ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସୋମବାର ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ରଷ୍ଟିକୁଲ୍ୟା ସଙ୍ଗିଜନୀ କକ୍ଷରେ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ସାମାଜିକତା: ଲୋକପ୍ରିୟତା ବନାମ କର୍ତବ୍ୟବୋଧ' ଉପରେ ଆଲୋଚନା କରାଯାଇଥିଲା । ଗଞ୍ଜାମ ଜିଲ୍ଲାପାଳ ଶ୍ରି. କାର୍ତ୍ତି ଜାୱଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାରମ୍ଭ ଜନସାଧାରଣଙ୍କ ହିତ ପାଇଁ ଗୁରୁତ୍ୱ କରୁଥିବା ଡିଜିନ୍ୟୁ ପଦକ୍ଷେପ ଓ ଜନତାଲ୍ୟାଣକାରୀ କାର୍ଯ୍ୟକ୍ରମକୁ ସାମାଜିକମାନେ ଲୋକଙ୍କ ନିକଟରେ ପହଂଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିବା ସହ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଆଜିର ଡିଜିଟାଲ ଯୁଗରେ ଜନସାଧାରଣ ଖବର ଶୀଘ୍ର ପ୍ରସାରିତ ହେଉଥିବାବେଳେ ସଚ୍ଚାରାତ୍ମକ ଖବରକୁ ମଧ୍ୟ ସମାନ ଗୁରୁତ୍ୱର ସହ ଲୋକଙ୍କ ନିକଟରେ ପହଂଚାଇବା ଆବଶ୍ୟକ । ଲୋକପ୍ରିୟତା ଅପେକ୍ଷା ସତ୍ୟନିଷ୍ଠା, ନିରପେକ୍ଷତା ଓ କର୍ତବ୍ୟବୋଧକୁ ସାମାଜିକତାର ମୂଳ ଆଧାର କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲାକୁ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଂଚାଇବା ପାଇଁ ସେ ସମସ୍ତଙ୍କ ସହଯୋଗ ଜାମନା କରିଥିଲେ । ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟବକ୍ତା ରାଜେ ଯୋଗଦେଇ ସେସର ପ୍ରସଙ୍ଗରେ ଓ ସାମାଜିକ ପରିବର୍ତନରେ ସାମାଜିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ବର୍ତମାନ ସାମାଜିକ ଗଣମାଧ୍ୟମ ଯୋଗୁଁ ଲୋକେ ଅତି ଅଳ୍ପ ସମୟରେ ଦେଶବିଦେଶର ଖବର ପାଇପାରୁଛନ୍ତି । ତେବେ ସୂଚନାର ଦ୍ରୁତ ପ୍ରସାର ସହ ତାହାର ସତ୍ୟତା ଓ ବିଶ୍ୱସନୀୟତା ବଜାୟ ରଖିବା ମଧ୍ୟ ଜରୁରୀ ବୋଲି ସେ ମତ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଚଳିତ ବର୍ଷର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ପ୍ରେସ୍ କ୍ଲବ୍ ସଭାପତି ସରୋଜ ସାମଲ, ସାଧାରଣ ସମ୍ପାଦକ ଅଜିତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମହାରଣା, ସନ୍ତୋଷ ମିଶ୍ର,ରାଜ ଗୋପାଳ ପାତ୍ରୀ,ରାଜେଶ ଶେଠୀ, ସତ୍ୟନାରାୟଣ ପାତ୍ରୀ ପ୍ରମୁଖଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଓ ସାମାଜିକ ବହୁମାନେ ଯୋଗଦେଇଥିଲେ ।

ବେଗୁନିଆ ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଖୋରଧ, ୧୬/୧୧ (ଆ.ପ୍ର) : ଜିଲ୍ଲା ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଅବଶ୍ୟ ଅଧ୍ୟକ୍ଷ, ଖୋରଧା ପାରମାର ସ୍ଥିତ ପାରୁଲୋମ୍ ଦାସ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁଙ୍କ ମିଳିତ ଅଧ୍ୟକ୍ଷତାରେ ଉଦଘାଟିତ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ପ୍ରତୀପ କୁମାର ସାହୁ, ଉପଜିଲ୍ଲାପାଳ ସଂଜୟ ସ୍ୱପ୍ନିକ ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଦେନ୍, ତହସିଲଦାର, ବେଗୁନିଆ, ଆସିଷ୍ଟାଂଟ ଇଞ୍ଜିନ୍ଦୁର, ଅଭିଯୋଗ, ବୁଦ୍ଧନେଶ୍ୱରୀ ଜଗିଂ ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ତିନିନ୍ୟୁ ଆଡିଟି ଅଭିଯୋଗ ପୃତ୍ତିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅଡିର ଅଭିଯୋଗ ଶିବିରକୁ ମୋଟ ୮୭ ଗୋଟି ଅଭିଯୋଗ ଆସିଥିବା ବେଳେ ଚନ୍ଦୁଧରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬୪ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଶିବିରରେ ୦ ୦୫ ଗୋଟି ଅଭିଯୋଗର ତତ୍ୱାବ ସମ୍ପାଦନ କରାଯାଇଥିଲା । ଅନ୍ୟ ସମସ୍ତ ଅଭିଯୋଗ ପୃତ୍ତିକୁ ବିଭାଗୀୟ ଅଧିକାରୀ ମାନେ ସମ୍ବନ୍ଧାନ ରେଖା ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦେଶ ଦିଆଯାଇଥିଲା । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗାନାଗାନ୍ତର ବରିଷ୍ଠ ଅଧିକାରୀ ବୃନ୍ଦ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ତିର୍ତୋଲରେ ଜାତୀୟ ପ୍ରେସ ଦିବସ ପାଳିତ



ତିର୍ତୋଲ, ୧୬/୧୧ (ଆ.ପ୍ର) : ତିର୍ତୋଲ ବ୍ଲକ ପରିସରରେ ଆଦିବର୍ତି ଶୁଖାରୀ ଦାସ ସଙ୍ଗିଜନୀ କକ୍ଷରେ ତିର୍ତୋଲ ସାମ୍ବାଦିକ ସଙ୍ଘ ଦ୍ୱାରା ଆୟୋଜନ ସହକାରେ ପାଳନ କରାଯାଇଛି ଜାତୀୟ ପ୍ରେସ ଦିବସ -୨୦୨୬ । ଏହି କାର୍ଯ୍ୟକ୍ରମରେ ତିର୍ତୋଲ ସାମ୍ବାଦିକ ସଂଘର ସଭାପତି ପ୍ରଜାତ ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ତିର୍ତୋଲ ଏସଡ଼ିପିଓ ଅଜୟ କୁମାର ଦାସ ଯୋଗଦେଇ ସାଙ୍ଗଠନିକ ପରିସ୍ଥିତିରେ ସାମ୍ବାଦିକଙ୍କ ଚଳିତ ସୁରକ୍ଷା ଓ ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଥିବା ବେଳେ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସାମ୍ବାଦିକତା ବୃତ୍ତିକୁ ନେଇ ଶୁଚିକିତ ମତବ୍ୟକ୍ତ କରିଥିଲେ । ସଞ୍ଚାଳିତ ଅତିଥି ଭାବେ ତିର୍ତୋଲ ତହସିଲଦାର ମହେଶ୍ୱର ବେହେରା ଅନ୍ୟ ମାନଙ୍କ ମଧ୍ୟରେ ତିର୍ତୋଲ ଥାନା ଅଧିକାରୀ ଜଂଶୀଧର ପ୍ରଧାନ, ତିର୍ତୋଲ ମଣ୍ଡଳ ଶିକ୍ଷାଧିକାରୀ ସୁଧୀରାଞ୍ଜନ ପାଣି, ତିର୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଓ ଅତିରିକ୍ତ ମଣ୍ଡଳ ଅଧିକାରୀ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ତିର୍ତୋଲ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଭୂଧର ଶତ୍ରୁ ଶେଖର ପୃଷ୍ଟି, ସୁବନ ଚରଣ ସେଠି ଯୋଗ ଦେଇଥିବା ସଂଘର ସଂଖ୍ୟତ ଚନ୍ଦ୍ରକାନ୍ତ ଜାତିକ ସ୍ମରଣ ଜ୍ଞାପନ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ଆମର ଜ୍ୟୋତି ସାହୁ ସଭା ପରିଚାଳନା କରିଥିବେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟା ନିଖାଳର ଦାସ, ସତ୍ୟ ପ୍ରକାଶ ମାଝୀ, ଜଗନ୍ନାଥ ପ୍ରଧାନ ସାହୁ, ସୌଜନ୍ତିତ ପଢ଼ିଆରି, ଏମ ଏସ ରାଜନ କୁମାର, ଗୋପାଳ କୃଷ୍ଣ ଦାସ, ଜୈଳାସ ଚନ୍ଦ୍ର ବେହେରା, ଚଂଚିତ ମଲ୍ଲିକ, ସ୍ୱାପ୍ତର ରଞ୍ଜନ ଦାସ, ସୁଭାଶିଷ ସ୍ୱାଇଁ, ସୁଶାନ୍ତ ମହାପାତ୍ର, କବିତା ଦାଶ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଚିଲିକାରେ ବୁଡିଯିବ କି ବିଜେଡି ଦଳ

ଚିଲିକା ବାଣୀପୁର, ୧୬/୧୧ (ଆ.ପ୍ର) : ଓଡିଶାର ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ୟତମ । ଏକଦା କଂଗ୍ରେସର ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଜନତାଦଳର ମୂଳଧୁଆ ପକାଇଥିଲେ । ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରି ପଞ୍ଚିତ ଗୋପବନ୍ଧୁ ମିଶ୍ର, ଗାମଚନ୍ଦ୍ର ପ୍ରହରାଜ, ଦେବେନ୍ଦ୍ରନାଥ ମାନସିଂହ, ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇ ଏହି ନିର୍ବାଚନମଣ୍ଡଳୀର ଗରିମା ବୃଦ୍ଧି କରିଛନ୍ତି । ଯଦିଚା ମୋଟ ସଚ୍ଚାରାରେ ରାଜ୍ୟପାଳୁ ପୃତିନିଧିତ୍ୱ କରି ୨୦୦୦, ୨୦୦୪, ୨୦୧୪ ରେ ଡଃ ବିଭୂତିଭୂଷଣ ହରିଚନ୍ଦନ ଏଠାରୁ ପ୍ରତିନିଧିତ୍ୱ କରିଛନ୍ତି କିନ୍ତୁ ୨୦୦୯ରେ କଂଗ୍ରେସର ରାଜ୍ୟ ସେବାଦଳ ସଭାପତି ପଦ ତ୍ୟାଗ କରି ଗଣ୍ଡୁମାଳ ସାହୁ ବିଜୁ ଜନତାଦଳରେ ସାମିଲ ହୋଇ ଚିଲିକାରେ ବିଜେଡିର ବିଜୟ ଡାନା ଉଡାଇଥିଲେ । ପରବର୍ତ୍ତୀ ସମୟରେ ୨୦୧୨ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ବୁଦ୍ଧ କୁଳ ଗଣପୁର ଓ ବାଲୁଙ୍ଗି ବିଜ୍ଞାପିତ ଅଂଚଳ ପରିଷଦ ଦଖଲ କରି ବିଜେଡିର ସଂଗଠନକୁ ସୁଦୃଢ଼ କରିଥିଲା ପରବର୍ତ୍ତୀ ସମୟରେ ୨୦୧୪ ସାଧାରଣ ନିର୍ବାଚନରେ ରଘୁନାଥ ସାହୁ ମାତ୍ର ୫୪୦ ଭୋଟରେ ପରାଜିତ ହୋଇଥିଲେ ବି ଚିଲିକା ବିଜେଡିର ମଞ୍ଚ ସଂଯୋଜିତ ହୋଇଥିଲା । କିନ୍ତୁ ୨୦୨୪ରେ ଅନେକ ରାଜନୈତିକ ଜଟଳମଟ ହୋଇଥିଲେ ବି ଶେଷରେ ରଘୁନାଥ ମହାପାତ୍ରଙ୍କ ଦାବେଦାରୀରେ ସାମିଲ ହୋଇ ପୂର୍ବ ଅବଜାଗା ଓ ଆଜନ ବିଜାଗର ପଛିନ୍ଦ ନେଇ ଚିଲିକାରେ ଲାଜପାର ସଂଘଠନକୁ ଅଧିକ ସୁଦୃଢ଼ କରିବାରେ ଦେଖାଯାଇଛି । ଅପରପକ୍ଷରେ ବିଜେଡିର ଘୋଷା ଜନ୍ଦନ ଯୋଷୁଁ ବିଜେଡିର ସଂଗଠନ ଶୀତଳ ଲଖାରରେ । ତେବେ ଯାହା ଜଣା ପଡୁଛି ଦେପୁଟୀ ନିମନ୍ତେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଯୋଗୁଁ ଦଳ କାହାକୁ ଉରସା କରିବ ନିଷ୍ପତ୍ତି ଘୋଷଣା ପାଉଛି ।

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଜଣଙ୍କର ମୃତ୍ୟୁ, କ୍ଷତିପୂରଣ ପାଇଁ ଦାବି



ଅନ୍ତରଙ୍ଗ, ୧୬/୧୧ (ଆ.ପ୍ର) : ଅନ୍ତରଙ୍ଗ ଥାନା ଅନ୍ତର୍ଗତ ପାତସୁତରପୁର ଗ୍ରାମର ସୂର୍ଯ୍ୟ ଦେହେରା(୪୫) ନାମକ ଜଣେ ବ୍ୟକ୍ତି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହେବା ଏକ ଅସଡଗ ଘଟିଛି । ଏହି ଅସଡଗକୁ ନେଇ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ବେଳେ ଗାର ସମ୍ପର୍କରେ ଜଣାଯାଇ ବିଦ୍ୟୁତ୍ ବିଭାଗ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ସୂତ୍ରରୁ ପ୍ରକାଶ ସୂର୍ଯ୍ୟ ଦେହେରା ଆଜି ସୋମବାର ଦିନ ଅପରାହ୍ନରେ ବିଲକୁ ଯାଇଥିଲେ । ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତଳକୁ ଓହରି ଥିବାରୁ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହେବା ଖବର ମିଳିଛି । ପୂର୍ବରୁ ବିପଦ ଏଡୁନ ଅବସ୍ଥାରେ ଥିବା ବେଳେ ଠାର ସମ୍ପର୍କରେ ଗାରମାୟର ଅଭିଯୋଗ ହେଉଛି ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପ୍ରତିକାର କରିବାରୁ ଏଭଳି ଅପ୍ରତଡ଼ ଘଟିବା ସ୍ଥାନୀୟ ଲୋକେ ସ୍ୱତନ୍ତ୍ର ଦେଇଛନ୍ତି । ପଜରେ ମୃତକଙ୍କ ଶବକୁ ଗ୍ରାମବାସୀ ଅଡକ ରଖି କ୍ଷତିପୂରଣ ଦାବି କରିଛନ୍ତି । ଘଟଣା ସ୍ଥଳରେ ଅନ୍ତରଙ୍ଗ ଉତ୍କଳେରସ୍ଥିତ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ଅଧିକାରୀ ନପହଂଚିବାରୁ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ଅନ୍ତରଙ୍ଗ ଥାନା ଅଧିକାରୀ ରିତା ଦେହେରା ପହଂଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରେ ମଧ୍ୟ ସେମାନେ ନିଜ ଜିଦ୍ ରେ ଅଟଳ ରହିବାରୁ ମୃତ ଶରୀର ଦାଫି ସମୟ ଧରି ପଡିରହିଥା ଦେଖିବାକୁ ମିଳିଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ପୁଲିସ୍ ଉପସ୍ଥିତ ରହିବା ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ କେହି ନପହଂଚିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା ।

ଜାତୀୟ ପ୍ରେସ୍ ଦିବସରେ ସାମ୍ବାଦିକଙ୍କ ଦାୟିତ୍ୱ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ



ଗୁଣପୁର, ୧୬/୧୧ (ଆ.ପ୍ର) : ଜାତୀୟ ପ୍ରେସ୍ ଦିବସ ଅବସରରେ ଗୁଣପୁର ଉପପ୍ରଖଣ୍ଡ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଯାଇଛି । ସଂଘର ଆଜାହକ ଶକ୍ତି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଉପପ୍ରଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ମୁଖ୍ୟ ଅତିଥି ଏବଂ ଅନନ୍ତ ପାତ୍ର ସଞ୍ଚାଳିତ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ଅତିଥିମାନେ ସାମ୍ବାଦିକତାର ଗୁରୁତ୍ୱ, ଗଣମାଧ୍ୟମର ଦାୟିତ୍ୱ ଏବଂ ସମାଜ ପ୍ରତି ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ନିଜର ମତ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ସାମ୍ବାଦିକମାନେ ପରଦ୍ଧର ମଧ୍ୟରେ ସୁସମ୍ପର୍କ ଓ ଏକତା ବଜାୟ ରଖିବା ସହ ଲୌକିକ ଖବର ପ୍ରସାରଣ ପୂର୍ବରୁ ତାହାର ତଥ୍ୟଗତ ପରିକଥା ଯାଂଚ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟପକ୍ଷରେ ସଞ୍ଚାଳିତ ଅତିଥି ଶ୍ରୀ ପାତ୍ର ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ପାଣିଗ୍ରାହୀ, ଲୋକାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ରୀ (ଟୁଟୁ ପାତ୍ରୀ)ଙ୍କ ସମେତ ସୁର୍ଯ୍ୟପ୍ରକାଶ ପଟ୍ଟନାୟକ, ରଞ୍ଜିତ କୁମାର ସାହୁ, ହରିହର ଶତପଥୀ, ଗାଡେଶ କୁମାର ପୃଷ୍ଟି, ସତ୍ୟନାରାୟଣ ସାହୁ, ବିଶ୍ୱଜୀତ ମହାପାତ୍ର, ସୁଦେଖ ଚନ୍ଦ୍ର ଦଶ ଓ ସୁଜୀତ କୁମାର ଶାଣ୍ଡତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅତିଥିମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସଞ୍ଚାଳିତ କରାଯାଇଥିଲା । ସୋମନାଥ ଗମାଙ୍ଗ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ ।

ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଜନଜାତୀୟ ସଂସ୍କୃତି ଓ ବୀରତ୍ୱକୁ ସ୍ମରଣ



ପାରଜାଙ୍ଗେମୁଣ୍ଡି, ୧୬/୧୧ (ଆ.ପ୍ର) : ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତୀୟ ଜନନାୟକ ଧରତୀ ଆବା ଉତ୍ତଦାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମଜୟନ୍ତୀ ଏବଂ ରାଷ୍ଟ୍ରୀୟ ଜନଜାତୀୟ ଗୌରବ ଦିବସ ଉଜପତି ଷାଣ୍ଡିସମ୍ଭାରେ ଜିଲ୍ଲାସ୍ତରରେ ପାଳିତ ହୋଇଯାଇଛି । ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ବିର୍ସା ମୁଣ୍ଡାଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମ ଆଜି ମଧ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ସହ ଜନଜାତୀୟ ସମାଜର ବିକାଶ , ସଂସ୍କୃତିର ସୁରକ୍ଷା ଓ ସଶକ୍ତୀକରଣ ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଉତ୍ତଦାନ ବିର୍ସା ମୁଣ୍ଡାଙ୍କ ପଟ୍ଟୋଚିତ



ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ଡାବୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ନବରଙ୍ଗପୁର, ୧୬/୧୧ (ଆ.ପ୍ର) : ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ତ୍ୱରିତ ସମାଧାନ ତଥା ଲୋକଙ୍କ ନିକଟରେ ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନିକ ସେବା ପହଂଚାଇବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟେଟ୍ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଲାକ୍ଷ୍ୟ ପାର୍ଥ ଜଗଦୀଶଙ୍କ ମିଳିତ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିରର ଅନୁଷ୍ଠିତ ହୋଇଥିଲା । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୭ଟି ଗ୍ରାମଞ୍ଚଳର ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଅଭିଯୋଗ ରହିଥିଲା । ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହ ଅଭିଯୋଗଗୁଡ଼ିକର ପ୍ରକୃତ ସ୍ଥିତି ଓ କାରଣ ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଯାୟୀ ତଦନ୍ତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ଓ ଉପଯୁକ୍ତ ସଂକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜନସାଧାରଣଙ୍କ ଅଭିଯୋଗର ସମାଧାନ କ୍ଷେତ୍ରରେ ବିଳମ୍ବ ନକରିବା, ପ୍ରତ୍ୟେକ ଅଭିଯୋଗର ଅନୁଧ୍ୟାନ କରିବା ଏବଂ ଅଭିଯୋଗକାରୀଙ୍କୁ ଯଥାଯୁକ୍ତ ନ୍ୟାୟ ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ, ପୁଲିସ ବିଭାଗ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶୁଣିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରତୀପ ଚନ୍ଦ୍ର ପ୍ରଧାନ, ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡାବୁଗାଁ ବ୍ଲକ ଉନ୍ନୟନ ଅଧିକାରୀ ସମ୍ବାଳ କୁମାର ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ବିଭିନ୍ନ ବିଭାଗର ପଦାଧିକାରୀ ମାନେ ଯୋଗ ଦେଇଥିଲେ । ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ, ପ୍ରଶାସନିକ ସେବାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ସାଧାରଣ ଲୋକଙ୍କ ନିକଟରେ ପ୍ରଶାସନକୁ ଅଧିକ ଉତ୍ତରଦାୟୀ ଓ ଲୋକାଭିମୁଖୀ କରିବା ଏହି ଜନଅଭିଯୋଗ ଶୁଣାଣିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ମହର୍ଷି ଗୁରୁକୁଳ ବିଦ୍ୟାଳୟର ଶିକ୍ଷାମୂଳକ ଭ୍ରମଣ



ଗୁଣପୁର, ୧୬/୧୧ (ଆ.ପ୍ର) : ଗୁଣପୁରସ୍ଥିତ ମହର୍ଷି ଗୁରୁକୁଳ ଏ ଟେଚ୍ନୋ ଜନସେମ୍ପ୍ର ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଶିକ୍ଷାମୂଳକ ଭ୍ରମଣର ଆୟୋଜନ କରାଯାଇଥିଲା । ଏହି ଭ୍ରମଣରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ଭ୍ରମଣ ଅବସରରେ ଛାତ୍ରଛାତ୍ରୀମାନେ ରାୟଗଡ଼ସ୍ଥିତ ଗ୍ରହାଳୟ ପରିଦର୍ଶନ କରି ମହାକାଶ, ଗ୍ରହ, ନକ୍ଷତ୍ର ଓ ସୌରଜଗତ ସମ୍ପର୍କରେ ଜ୍ଞାନ ଓ ବୌଦ୍ଧିକ ବିକାଶ କରିବା ଏହି ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଭ୍ରମଣ ଛାତ୍ରଛାତ୍ରୀଙ୍କ ପାଇଁ ଆନନ୍ଦଦାୟକ ଓ ଶିକ୍ଷଣୀୟ ହୋଇଥିଲା ।

ମଇଦଲପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଶିକ୍ଷକ ଓ ଛାତ୍ର ଆଲୋଚନା ଚକ୍ର



ପାପଡାହାଣ୍ଡି, ୧୬/୧୧ (ଆ.ପ୍ର) : ପାପଡାହାଣ୍ଡି ବ୍ଲକ ମଇଦଲପୁର ଅଂଚଳରେ ଶିକ୍ଷାର ଆଲୋକ ବିସ୍ତାର କରିବାର ମହାନ ଲକ୍ଷ୍ୟ ନେଇ ୧୯୮୧ ମସିହାରେ ଆରମ୍ଭ ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଆଜି ଗୁରୁ-ଶିଷ୍ୟ ପରମ୍ପରାର ଏକ ଗୌରବମୟ ପ୍ରତୀକ । ପୁରାତନ ଶିକ୍ଷକ ଓ ଛାତ୍ରମାନଙ୍କ ଆଲୋଚନା ଚକ୍ରରେ ଶିକ୍ଷା, ସଂସ୍କାର ଓ ଗୁରୁ-ଶିଷ୍ୟ ସମ୍ପର୍କର ମହତ୍ୱ ଉପରେ ବିସ୍ତୃତ ପରିବେଶରେ ପ୍ରକାଶ ପାଇଥିଲା । ମହାନୁଭବ ସାର ନିକଲ ଶତାଧିକ ଛାତ୍ରଛାତ୍ରୀଙ୍କ ସମାହାର ଦେଖି ଉର୍ଦ୍ଦ ପ୍ରକାଶ କରିଥିବାବେଳେ, ହ୍ରାତା ଶିକ୍ଷକ ପ୍ରଧାନ ସାରଙ୍କ ସହ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ଶିକ୍ଷକମାନଙ୍କ ଅବଦାନ ସ୍ମରଣ କରାଯାଇଥିଲା । ସଭାପତି ଭାବେ ପୂର୍ବତନ ବିଧାୟକ ଲୁହବନ ମାଝୀ ଗୁରୁ-ଶିଷ୍ୟ ମହାନ ପରମ୍ପରା ଓ ଶିକ୍ଷକଙ୍କ ପ୍ରତି ଛାତ୍ରଙ୍କ ଜାବଦିନ୍ଦୁକ ସଜ୍ଞାନକୁ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ପୂର୍ବତନ ସାଂସଦ ପଶୁଂଗାମ ମାଝୀ ଶିକ୍ଷାର ଚରିତ୍ରାତ ଦିଗ ଉପରେ ଆଲୋକପାତ କରିଥିଲେ ।ଏହି ସମାରୋହରେ ପ୍ରକୃତି ରକ୍ଷୁ ଓ ଆଦର୍ଶ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଶ୍ରୀମତ୍ ଉତ୍ତରେ ଗୋଟା ପ୍ରଦାନ କରି ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଯାଇଥିଲା ।ଆଲୋଚନା ଚକ୍ର ଜେଡନ ଏକ ସମାବେଶ ହୁଏଁ, ତଡଂ ଶିକ୍ଷାର ମନ୍ଦର, ଗୁରୁଙ୍କ ଟ୍ୟାର ଓ ଶିକ୍ଷାଙ୍କ କୃତଜ୍ଞତାର ଏକ ଅମର ସୃତି ହୋଇ ରହିବ ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ୨୦୨୬ ପାଳିତ




ଜଗତସିଂହପୁର, ୧୬/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦରାବତା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ୨୦୨୬ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତି, ଜିଲ୍ଲା ପରିଷଦ ଜଗତସିଂହପୁର ମନୋଜ କୁମାର ଖୋଡ଼ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ସାମାଜିକମାନେ ସର୍ବଦା ସ୍ୱଚ୍ଛ, ନିରପେକ୍ଷ ଓ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରି ସୁସ୍ଥ ସମାଜ ଗଠନରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ । ସମସ୍ତ ସାମ୍ବାଦିକ ସୁସ୍ଥ ଜୀବନଯାପନ କରିବା ସହ ଏକ ସୁସ୍ଥ ଓ ସକାରାତ୍ମକ ପରିବେଶରେ ନିଜର ଦୃଢ଼ିଗତ ଦାୟିତ୍ୱ ବୁଝାକ ସମାଜର ଉନ୍ନତି ଓ ଗଠନ ପାଇଁ ଦୃଢ଼ ପଦକ୍ଷେପ ନେବା ଉଚିତ୍ ବୋଲି ସେ ଉପରେଖ କରିଥିଲେ । ସରକାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ସାମାଜିକମାନଙ୍କ ସାହସ, ଦ୍ୟାଗ ଓ କର୍ତବ୍ୟନିଷ୍ଠା ପ୍ରଶଂସନୀୟ ବୋଲି କହିଥିଲେ । ସରକାରୀ ଯୋଜନା ଓ ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନର ନଜରକୁ ଆଣିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ସୋସିଆଲ୍ ମିଡିଆର ଏହି ଯୁଗରେ ସାମାଜିକମାନେ ସତ୍ୟ, ନିରପେକ୍ଷତା ଓ ଦୃଢ଼ିଗତ ଦୈତିକତାକୁ ପ୍ରାଧାନ୍ୟ ଦେଇ ଜନସାଧାରଣଙ୍କ ବିଶ୍ୱାସ ଅର୍ଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଉତ୍କର୍ଷ ସାମ୍ବାଦିକତା ପାଇଁ ଜିଲ୍ଲାସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ସେବା ପାଇଁ ଅନେକ ସରକାରୀ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାତା ପାଇଁ ସେ ମତବ୍ୟକ୍ତ କରିଥିଲେଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ର ସାମାଜିକତା ଓ ଗଣ ଯୋଗାଯୋଗ ବିଭାଗ ର ମୁଖ୍ୟ ଡଃ ଦେବୀଲାଲ ମିଶ୍ର ଚନ୍ଦିତ ବର୍ଷ ର ଅଲୋଚ୍ୟ ବିଷୟ ବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତବ୍ୟବୋଧ' ଉପରେ ଆଲୋକ ପାତ କରିଥିଲେ । ସେ କହିଥିଲେ ଯେ ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଏକ ସୁସ୍ଥ ଗଣତନ୍ତର ମୂଳ ଆଧାର । ସ୍ୱାଧୀନତା ସହ ଉତରଦାୟିତ୍ୱ, ତଥ୍ୟତା ସହ ନୈତିକତା ଏବଂ ସାମ୍ବାଦିକତା ସହ ଜନସ୍ୱାର୍ଥର ସମନ୍ୱୟ ହିଁ ଏକ ସୁସ୍ଥ ଓ ସଚେତନ ସମାଜ ଗଠନର ମୂଳମନ୍ତ୍ର । ବର୍ତମାନ ଗଣମାଧ୍ୟମ ଏକ ବଜାରଗିତିକ ବ୍ୟବସ୍ଥାରେ ପରିଣତ ହେଇଥିବାବେଳେ ଅଧିକ ଲାଭକ, ଲଘୁ, ସେୟାର ଓ ଲୋକପ୍ରିୟତାର ପ୍ରତିଯୋଗିତାରେ ସାମାଜିକତାର ମୂଳ ଆଦର୍ଶ ଯେପରି ହଜି ନଯାଏ, ସେଥିପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ । ସାମ୍ବାଦିକମାନଙ୍କ ସୁରକ୍ଷା, ସମ୍ମାନ, ଆର୍ଥିକ ସ୍ଥିତି ଓ ଦୃଢ଼ିଗତ ସ୍ୱାଧୀନତା ପ୍ରତି ସମାଜ ଓ ସରକାର ଗୁରୁତ୍ୱ ଦେବା ଆବଶ୍ୟକ । ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆରକ୍ଷୀ ଅଧୀକ୍ଷକ ଅଜିତ କୁମାର ବର୍ମା ଜଗତସିଂହପୁର ଜିଲ୍ଲାର ସାମ୍ବାଦିକମାନଙ୍କ କ୍ଷେତ୍ରସ୍ତରୀୟ ରିପୋର୍ଟିଂ ଓ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ । ସାମାଜିକ ଲୋକପ୍ରିୟତା ପଛରେ ନପଡ଼ି ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସାମ୍ବାଦିକତାର ମୂଲ୍ୟବୋଧ ବଜାୟ ରଖିବା ଏବଂ ଲୋକଙ୍କ ସମସ୍ୟା ସହିତ ସରାକାତ୍ମକ ଓ ଜନହିତକର କାର୍ଯ୍ୟଗୁଡ଼ିକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ପାଇଁ ସେ ଅନୁରୋଧ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ଦେବେନ୍ଦ୍ର ସିଂହ, ମନୋଜ କୁମାର ଦାଶ, ରମାକାନ୍ତ ସାହୁ, ଜ୍ଞାନଜିତ ଦେଉରା, ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା, ପ୍ରେମାଦ କୁମାର ନାୟକ ନିଜ ନିଜର ମତାଙ୍କ ଅନୁଭୂତି ଓ ଅଭିଜ୍ଞତି ରଖିଥିଲେ । ଜାତୀୟ ପ୍ରେସ ଦିବସ ୨୦୨୬ ଉପଲକ୍ଷେ ଆୟୋଜିତ ହାଲସ୍ଥର ସ୍ତରୀୟ ଓଡ଼ିଆ ଉଦ୍ଭୃତା ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଭା ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବି, ଅଢଳନବାଡୀ ପ୍ରମୁଖ ଉପସ୍ଥିତ ଥିଲେ ।

ବରିଷ୍ଠ ବିଜେଡି ନେତା ବାପୁଜୀ ବିଶୋୟାଙ୍କ ଜ୍ୟେଷ୍ଠ ଭ୍ରାତା ବୃନ୍ଦାବନ ବିଶୋୟାଙ୍କ ପରଲୋକ



ପାଟପୁର, ୧୬/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାଟପୁର ବ୍ଲକ ଚଉରା ପଂଚାୟତ ଅନ୍ତର୍ଗତ ସୁବର୍ଣପୁର ଗ୍ରାମର ବରିଷ୍ଠ ବିଜେଡି ନେତା ବାପୁଜୀ ବିଶୋୟାଙ୍କ ଜ୍ୟେଷ୍ଠ ଭ୍ରାତା ବୃନ୍ଦାବନ ବିଶୋୟାଙ୍କ ବୃହସ୍ପତିବାର ଅପରାହ୍ନରେ ବ୍ରହ୍ମପୁର ସ୍ଥିତ ନାଳକଣ୍ଠ ନଗର ଶ୍ମଶାନରେ ଅନ୍ତିମ ଶ୍ୱାସତ୍ୟାଗ କରିଥିଲେ । ଜ୍ୟେଷ୍ଠ ପୁତ୍ର ଅଜିତ୍ କୁମାର ବିଶୋୟା(ମୁନା) ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ଡିଗୋଧାର ସମୟରେ ଝିଅ ଜ୍ୟୋତ୍ସ୍ନା ରାଣୀ ମାଝଙ୍କ, ଜାମାତା ଜୈନାସ ନାୟକ, କନିଷ୍ଠ ପୁତ୍ର ରଞ୍ଜିତ୍ କୁମାର ବିଶୋୟା (ପପୁ), ପୁତୁରା ଅଭୁଜକ ବିଶୋୟୀ, ସାନ ଭାଇ ବାପୁଜୀ ବିଶୋୟୀ, ବାବୁଲା ବିଶୋୟା, ପୂର୍ବତନ ବ୍ଲକ ଅଧକ୍ଷା ରାଜତୀ ବିଶୋୟା, ସୁଦର୍ଶନ ମହାନ୍ତି ଓ ପରିବାର ବର୍ଗ ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିଛନ୍ତି । ଅନ୍ତିମ ଯାତ୍ରାରେ ବହୁପତି ସମାଜର ସଭାପତି ପ୍ରମୋଦ କୁମାର ଜେନା ତଥା ଅନ୍ୟାନ୍ୟ ଜର୍ମକର୍ତା ମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ । ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଓ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀଗୁପ ଦେଓ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗୀୟ ଆତ୍ମାର ସଦଗତି କାମନା କରିଛନ୍ତି ।

ପର୍ଲାକଫ ସିଜନ-୩ ଫୁଟବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ



ଧର୍ମଗଡ଼, ୧୬/୧୧ (ଆ.ପ୍ର) : ଜଳାଭାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ଫୁଟବଲ କମିଟି ଆନୁକୂଲ୍ୟରେ ପର୍ଲା କପ ସିଜନ-୩ ଫୁଟବଲ ପ୍ରତିଯୋଗିତା ପାଇଁ କମିଟି ସଭାପତି କାମାକ୍ଷ ପ୍ରସାଦ ଦାସଙ୍କ ନେତୃତ୍ୱରେ ପର୍ଲା ଅଂଚଳ ସେମଲା, ଲଛିପୁର, କଦଳିମୁଣ୍ଡା, ହାତୀପଥାନ, ଦେବକାରୁଡା, ତିତାମୁଣ୍ଡା, ସିନାପଡା, ଆମ୍ବଗୁଡା, ପିପିଲା, ବଡ଼ଗୁମେରର ଯୁବକ ଓ ଡେଭେଲ୍ପ ବାଣ୍ଡି ବିଶେଷ୍ଟମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ୨୩ ଡିସେମ୍ବର ୨୦୨୬ ଠାରୁ ଫୁଟବଲ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ନିଆଗଲା । ଫୁଟବଲ ଯୁବକମାନଙ୍କ ପାଇଁ ଏକ ଉପଯୋଗୀ ଖେଳ, କାରଣ ଏହା ଶାରୀରିକ ଦାଢୀମ, ମାନସିକ ଦୃଢ଼ତା, ସାମାଜିକ ଦକ୍ଷତା ଏବଂ ନିୟମିତ ଅଭ୍ୟାସ ଗଢ଼ିବାରେ ସାହାଯ୍ୟ କରେ । ଖେଳ ମାଧ୍ୟମରେ ପ୍ରତିଯୋଗିତା ମନୋଭାବ ସହିତ ଟିମ୍‌ୱାର୍କ ମଧ୍ୟ ବିକଶିତ ହୁଏ । ଦୌଡ଼, ଦ୍ରୁତ ଗତି, ଦିଗବଦ୍ଧତା ଏବଂ ସମନ୍ୱୟରେ ବଢ଼ାଏ । ବନ୍ଧୁତ୍ୱ ଓ ସାମାଜିକ ସଂପର୍କ ବୃଦ୍ଧି କରେ; ଫୁଟବଲ କାର୍ଯ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀ, ଯୁବକମାନଙ୍କ ମଧ୍ୟରେ ଖେଳ ପ୍ରତି ଉତ୍ସାହ ସୃଷ୍ଟି କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଚାଲୁ ଅଛି ବୋଲି କମିଟି କର୍ମକର୍ତା ମାନେ ମତ ରଖିଥିଲେ । ବୈଠକରେ ଅଧ୍ୟକ୍ଷ ଅଶ୍ୱତ୍ଥ ପଟ୍ଟନାୟକ, ଶିକ୍ଷାବିତ ସଗୋଡ଼ ଦାସ, ତୃଷିକେଶ ସାହୁ, ସୁଶାନ୍ତ ଦାସ, ସମ୍ବୁ ପ୍ରସାଦ ଦାସ, ସାମ୍ପାଂଚ ଗୋପାଳ, ପ୍ରତୀଶ ଦାସ, ସୁଧାର ଦାଶ, ରାଧେଶ୍ୟାମ ସାହୁ, ସାରଦା ଦାସ, ସାମ୍ବାଦିକ ଲକ୍ଷ୍ୟାନୋଦି ଜାଲ, ନବୀନ ପୁରୋହିତ, ନବୀନ ଦାସ, ଜାବୁଲି ଦାସ, ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ କମିଟି ପରାଶର ସାହୁ, ଅରକ୍ଷିତ ଡାଲିକ, ମାନସ ରଞ୍ଜନ ଦାଶ, ବିପ୍ଳବ ଦାସ, ଧନିରାମ ଗୋପାଳ, ଜଳମ ଗୋପାଳ, ରଞ୍ଜିତ ଶବର, ସଂଗ୍ରାମ ଦାସ, ରାମନାଥ ଶବର, ଦା°ତାନିଧି ମାଝୀ, ସୋସିଆ ହାତୀ, ରାଜୁ ଦାସ,ଓ ଅନ୍ୟ ସଦସ୍ୟ ସହଯୋଗ କରିଥିବେ ।

ପୁରୁଣା ସ୍ମୃତିକୁ ମନେ ପକାଇ ଏକାଠି ହେଲେ ବନ୍ଧୁ, ଭାସ୍କରଚନ୍ଦ୍ର ହାଇସ୍କୁଲରେ ବନ୍ଧୁ ମିଳନ ପର୍ବ



ବାସୁଦେବପୁର, ୧୬/୧୧ (ଆ.ପ୍ର) : ଦିନ ଚିଡିଛି, ବର୍ଷ ଚିଡିଛି, ବଦଳିଛି ସମୟ ଓ ପରିସ୍ଥିତି । ହେଲେ ବଦଳିନି ପିଢାଦିନର ସେହି ସୃତି ଆଉ ବନ୍ଧୁତ୍ୱର ମଧୁର ସମ୍ପର୍କ । ଦୀର୍ଘ ୨୬ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି ୨୦୦୦ ମସିହା ମ୍ୟାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ପାଳନ କରିଥିଲେ ଏହି ବନ୍ଧୁ ମିଳନ ଉତ୍ସବ । ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଶେଖ୍ ମହମ୍ମଦ ଖଲିଲୁଲ୍ଲା, ଅର୍ଜୁନ ସେନାପତି, ରବିନାରାୟଣ ଅଗସ୍ତି, ହେମାରତା ରେଭେରା ଓ ରାଜେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ନିଜ ଶିକ୍ଷକ ଜୀବନର ଅନୁଭୂତି ସୃତିକୁ ମନେ ପକାଇଥିଲେ । ଏହି ଅବସରରେ ଗୁରୁ ଓ ଗୁରୁମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିବାର ପୁରାତନ ଛାତ୍ରଛାତ୍ରୀ । କେବଳ ଶିକ୍ଷକ ନୁହନ୍ତି, ନିଜ ପାଠପଢା ସମୟର ଅଭୁଲା ଅନୁଭୂତିକୁ ମଧ୍ୟ ମନେ ପକାଇଥିଲେ ପୁରାତନ ଛାତ୍ରଛାତ୍ରୀ । ସୁଧାଂଶୁ ନାୟକ, ଶ୍ରୀକାନ୍ତ ପଣ୍ଡା, ବିଶ୍ୱାଞ୍ଜନ ସାହୁ, ସୌମେନ୍ଦ୍ର ପାଣିଗ୍ରାହୀ, କୃପାସିନ୍ଧୁ ପୁରାଣ, ଜଗନ୍ନାଥ ମଙ୍ଗରାଜ, ଶେଖ୍ ମହମ୍ମଦ ସକିଲ ଅଖତର, ପ୍ରିୟରଞ୍ଜନ ଦାଶଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋ

ତ୍ରିସପ୍ତାହିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ପୁଣି ଆଇସିସି ଅଧକ୍ଷ ହେଲେ ଜୟ ଶାହ



ନୂଆଦିଲ୍ଲୀ, ୧୬/୧୧(ନ୍ୟୁ.ଏ): ନିର୍ବିଘ୍ନରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଇସିସି ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ଜୟ ଶାହ । ଆଇସିସି ବୋର୍ଡ ପକ୍ଷରୁ ଜୟ ଶାହଙ୍କୁ ବିନା ବିରୋଧରେ ଦ୍ୱିତୀୟ ଥର ପାଇଁ ଅଧକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି । ରବିବାର ଗାଲିରେ ଆଇସିସି ଡିରେକ୍ଟର୍ସ ଅଫ ବୋର୍ଡର ମିଟିଂ ହେଇଥିଲା । ଏହି ବୈଠକରେ ସମସ୍ତ ବୋର୍ଡ ସଦସ୍ୟ ଜୟ ଶାହଙ୍କ ପୁନଃ ନିଯୁକ୍ତି ସପକ୍ଷରେ ମତ ରଖିଥିଲେ । ୩୮ ବର୍ଷୀୟ ଜୟ ଶାହ ଅନ୍ତର୍ଜାତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅଧକ୍ଷ ହେବା ପୂର୍ବରୁ ବିସିସିଆଇ ସମ୍ପାଦକ ରହିଥିଲେ । ଏହାପରେ ପ୍ରଥମଥର ୨୦୨୪ ଡିସେମ୍ବରରେ ସେ ଆଇସିସି ଅଧକ୍ଷ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ସରିବାକୁ ଯାଉଥିବାରୁ ତାଙ୍କୁ ପୁଣି ୨ ବର୍ଷ ପାଇଁ ଆଇସିସି ଅଧକ୍ଷ ଭାବେ ଦାୟିତ୍ୱ ମିଳିଛି । ଆଇସିସି ପକ୍ଷରୁ କୁହାଯାଇଛି ଯେ “ଏହି ନିଷ୍ପତ୍ତି ଜୟ ଶାହଙ୍କ ନେତୃତ୍ୱ ଉପରେ ଆଇସିସି ବୋର୍ଡର ଭରସାକୁ ପ୍ରତିଫଳିତ କରୁଛି । ଏଥିସହ କ୍ରିକେଟ୍‌ର ବିଶ୍ୱାସ ଓ ସମ୍ମାନ ପାଇଁ ମୁଁ ହୃଦୟରୁ କୃତଜ୍ଞ । ଆଇସିସିର ଅଧକ୍ଷ ଭାବେ କାର୍ଯ୍ୟ କରିବା ମୋ ପାଇଁ ଏକ ସମ୍ମାନ ଓ ଦାୟିତ୍ୱର ବିଷୟ । ବିଶ୍ୱବ୍ୟାପୀ କ୍ରିକେଟ୍‌ର ସ୍ପାର୍ଟ ଓ ବିକାଶ ପାଇଁ ଆଇସିସିର ସମସ୍ତ ସଦସ୍ୟ ଦେଶଙ୍କ ସହ ମିଶି କାମ କରିବାକୁ ମୁଁ ପ୍ରତିବଦ୍ଧ । ଲୋକଙ୍କୁ ଏକାଠି କରିବାର କ୍ଷମତା ହିଁ କ୍ରିକେଟ୍‌ର ସବୁଠାରୁ ବଡ଼ ଶକ୍ତି । ବୋର୍ଡ ଓ ସମସ୍ତ ସଦସ୍ୟ ଦେଶଗୁଡ଼ିକର ସମର୍ଥନରେ ଆମ ଲକ୍ଷ୍ୟ କେବଳ ଯୋଜନାରେ ସୀମିତ ନ ରହି ବାସ୍ତବ ରୂପ ନେବ । ଏଥିସହ ଆମର ପ୍ରଗତି ଏପରି ଏକ ସୁଯୋଗ ସୃଷ୍ଟି କରିବ, ଯାହା ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ ।”

ସୟଦ ମୁସ୍ତାକ ଅଲୀ ଟ୍ୱେଂଟି-୨୦: ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୬/୧୧ (ଆ.ପ୍ର) : ଚଳିତ ସୟଦ ମୁସ୍ତାକ ଅଲୀ ଟ୍ୱେଂଟି-୨୦ ସଘାତ କ୍ରିକେଟ୍‌ରେ ଓଡ଼ିଶାର ପରାଜୟ ଜାରି ରହିଛି । ନିଜର ପ୍ରଥମ ମ୍ୟାଚ୍‌ରେ ଗୁଜରାତଠୁ ହାରିଥିବା ସ୍ପର୍ଦ୍ଧିକ ସାମନାଙ୍କ ଏହି ଦଳ ସୋମବାର ୮ ଟ୍ରିକେଟ୍‌ରେ ବିଦର୍ଭଠୁ ପରାସ୍ତ ହୋଇଛି । କୋଲ୍‌କାତାର ଯାଦବପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଜ୍ୟାମ୍ସ୍ ପଡ଼ିଆରେ ଖେଳିଯାଇଥିବା ଏହି ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ବିଜେତାରେ ଆରମ୍ଭ କରିଥିବା ଓଡ଼ିଶା ଗୋଇବ ଗୋଟିଏରୀ (୫୩, ୨୮ ବଲ୍, ୫ ଚୌକା, ୩ ଛକା)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୧୬.୧/୮ ଅଳକି ଯାଇଥିଲା । ବିଜୟର ନାଟକିୟ ଭୁଟେ (୪/୨୨)ଙ୍କ ଚମତ୍କାର ବୋଲିଂ ଆଗରେ ଓଡ଼ିଶା ବ୍ୟାଟର ଟିଙ୍କି ନ ପାରି ନଥିଲେ । ଫଳରେ ଆରମ୍ଭରୁ



୨୦୦ରୁ ଅଧିକ ରନ୍ ଆଶାରେ ଥିବା ଓଡ଼ିଶା କଣ୍ଟେମଣ୍ଟେ ୧୫୦ ପାର କରିପାରିନଥିଲା । ଗୌରବଙ୍କ ବାଦ୍ ଜାତିକ ବିଶ୍ୱାଳ (୩୦), ଆଶୀର୍ବାଦ ସ୍ୱାଇଁ (୨୦), ଦେବବ୍ରତ ପ୍ରଧାନ (୧.୬ଟ) ଓ ସ୍ୱସ୍ତିକ (୧୪) ଜେବନ ବୁଝାଇ ଛୁଇଁ ପାରିଥିଲେ । ଶୁଭ୍ରାଂଶୁ ସେନାପତି (୫), ସର୍ବେଶ୍ୱର ମହାନ୍ତି (୭), ସୌମ୍ୟ ରୋଜା (୭) ଓ ନିରାବ ରଥାରା (୨) ବିଫଳ ହୋଇଥିଲେ । ଜବାବରେ ବିଦର୍ଭ ଜେବନ ଅଧିନାୟକ ଅଥର୍ବ ତାଇଡ଼େ (୭୪, ୪୮ ବଲ୍, ୧୧ ଚୌକା) ଓ ଜରୁଣ ବିଷ୍ଟ (୬)ଙ୍କୁ ହରାଇ ୧୪ ବଲ୍ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା । ବିଜେଷ ମାଦେୱାର (୬୭*ଟ, ୪୨ ବଲ୍, ୯ ଚୌକା, ୧ ଛକା) ଓ ଦେବାଶ ଜାଜୁ (୧୧*ଟ) ଅପରାଜିତ ରହିଥିଲେ । ବିଜୟ ଓ ଅଥର୍ବ ପ୍ରଥମ ଟ୍ରିକେଟ୍‌ରେ ୧୩.୨ ଓଭରରେ ୧୨୫ ରନ୍ ଯୋଡ଼ିଥିଲେ । ଓଡ଼ିଶା ପକ୍ଷରୁ ନିନାବ ଓ ସର୍ବେଶ୍ୱର ଗୋଟିଏ ଲେଖାଏଁ ଟ୍ରିକେଟ୍ ନେଇଥିଲେ । ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ବୁଧବାର ଛତିଶଗଡ଼କୁ ଲେଟିବ ।

ଭାରତରେ ୨୦୩୧ କ୍ରିକେଟ ବିଶ୍ୱକପ



ନୂଆଦିଲ୍ଲୀ, ୧୬/୧୧(ନ୍ୟୁ.ଏ): କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର । ଭାରତରେ ହେବାକୁ ଯାଉଛି ୨ଟି ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ । ଆଇସିସି କରିଛି ବଡ଼ ଘୋଷଣା । ୨୦୩୫ ମସିହା ପର୍ଯ୍ୟନ୍ତ ଆଇସିସିର ତିନିନୁ ଟୁର୍ଣ୍ଣାମେଣ୍ଟର ହୋଷ୍ଟିଂ ଅଧିକାର ଘୋଷଣା ହୋଇଛି । ଲଣ୍ଡନେଟିଆର ବାଲିରେ ହୋଇଥିବା ବୈଠକରେ ଆଇସିସି ବୋର୍ଡ ନୂଆ ନିଷ୍ପତ୍ତି ନେଇଛି । କ୍ରିକେଟ୍ କ୍ୟାଲେଣ୍ଡରରେ ଟି-ଟ୍ୱେଂଟି ବିଶ୍ୱକପ, ଚାମ୍ପିଅନ୍ସ ଟ୍ରଫି ଏବଂ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସ ଟ୍ରଫି ସାମିଲ ଅଛି । ଏହି ଘୋଷଣା ପୁରାଦିନ୍ତ ଭାରତକୁ ୨ଟି ବଡ଼ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ ଅନୁମତି ମିଳିଛି । ଆଇସିସି ସିଇଓ ସଞ୍ଜୟାଗ ଗୁପ୍ତା କହିଛନ୍ତି ଯେ, ଆଇସିସି ଟୁର୍ଣ୍ଣାମେଣ୍ଟର କ୍ୟାଲେଣ୍ଡର କ୍ରିକେଟର ବିଶ୍ୱ ଢାଂଚାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ଇଙ୍ଗେଂଟୁଗୁଡିକ ଖେଳାନି ଏବଂ ପ୍ରଶଂସକଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇଥାଏ । ଭାରତ ଓ ବଂଗ୍ଲାଦେଶ ମିଳିତ ଭାବେ ୨୦୩୧ରେ ପୁରୁଷ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବେ । ଭାରତ ବିଶ୍ୱକପ୍ ଆୟୋଜନ କରିବା ପୂର୍ବରୁ ୨୦୨୮ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । ଏହା ମଧ୍ୟ ବିସିସିଆଇ ଆୟୋଜନ କରିବ । ଅକ୍ଟୋବର ୯ରୁ ଏହା ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୦୩୧ ଦିନିକିଆ ବିଶ୍ୱକପ୍ରେ ଭାରତ ଯୁଗ୍ମ ଆୟୋଜକ ରହିଛି । ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୯ ତାରିଖରେ ଉଦଘାଟିତ ହୋଇ ନଭେମ୍ବର ୨୩ ତାରିଖରେ ଉଦଯାପିତ ହେବ । ୨୦୨୮ରେ ପୁରୁଷ ଟି-ଟ୍ୱେଂଟି ବିଶ୍ୱକପ୍ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳାଯିବ । ବିଶ୍ୱକପ୍ ଅକ୍ଟୋବର ୧୨ରୁ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ୨୦୨୯ ଜୁନ୍‌ଲଣ୍ଡରେ ଜୁନ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଖେଳାଯିବାର ସୂଚୀ ଦୃଢ଼ୀଭୂତ ହୋଇଛି । ଜୁନ୍‌ଲଣ୍ଡ, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ୨୦୩୦ରେ ଟି-ଟ୍ୱେଂଟି ବିଶ୍ୱକପ୍ ମିଳିତ ଭାବରେ ଆୟୋଜନ କରିବେ । ହୁଲାର ୪ ତାରିଖରେ ଉଦଘାଟିତ ହୋଇ ଏହା ଅଗଷ୍ଟ ୪ ତାରିଖରେ ଶେଷ ହେବ । ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ୨୦୩୧ ଜୁନ୍‌ଲଣ୍ଡରେ ଜୁନ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ୨୦୩୨ରୁ ୨୦୩୫ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟ ଗୁଡ଼ିକର କେବଳ ତାରିଖ ବୃଦ୍ଧନ୍ତ ହୋଇଛି, ପରବର୍ତ୍ତୀ ସମୟରେ ଆୟୋଜକଙ୍କ ନାମ ଘୋଷଣା କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି । ୨୦୧୧ ଏବଂ ୨୦୨୩ ଦିନିକିଆ ବିଶ୍ୱକପ ଭାରତରେ ଆୟୋଜିତ ହୋଇଥିଲା । ମଜେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଶ୍ରୀଲଙ୍କାକୁ ହରାଇ ଭାରତ ବିଶ୍ୱକପ୍ ଜିତିଥିଲା । ୨୦୨୩ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଦମଦାର ପ୍ରଦର୍ଶନ କରିଥିଲା । ଫାଇନାଲ୍‌ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା । ବିଶ୍ୱକପ ଜିତିବାର ସ୍ୱପ୍ନ ଅଧାରେ ରହିଯାଇ । ବର୍ତ୍ତମାନ ଅଷ୍ଟ୍ରେଲିଆ ପାଖରେ ସବୁଠୁ ଅଧିକ ଦିନିଆ ବିଶ୍ୱକପ ଅଛି ।

ଆନ୍ଦ୍ରିଭାଙ୍କୁ ଡବ୍ଲ୍ୟୁଟିଏ ଫାଇନାଲ୍ସ ମୁକୁଟ



ନୂଆଦିଲ୍ଲୀ, ୧୬/୧୧(ନ୍ୟୁ.ଏ): ମାତ୍ର ୧୯ ବର୍ଷ ବୟସରେ ବିଶ୍ୱ ଟେନିସ୍‌ରେ ନୂଆ ଇତିହାସ ରଚିଛନ୍ତି ରୁଷୀୟ ତାରକା ମୀରା ଆନ୍ଦ୍ରିଭା । ଚଳିତ ବର୍ଷର ଶେଷ ତଥା ସଜାନ୍ତନକ ଡବ୍ଲ୍ୟୁଟିଏ ଫାଇନାଲ୍‌ରେ ଚାମ୍ପିଅନ୍ ହୋଇଛନ୍ତି ଏହି ଯୁବ ଖେଳାଳି । ଫାଇନାଲ୍ ମୁକାବିଲାରେ ୟୁକ୍ରେନ୍‌ର ଅଲିଞ୍ଜ ଖେଳାଳି ଏଲିନା ସ୍ୱିଟୋଲିନାଙ୍କୁ ପରାସ୍ତ କରି ନିଜ ନାମରେ ଆଉ ଏକ ବଡ଼ ସଫଳତା ଯୋଡ଼ିନ୍ତନ୍ତି ଆନ୍ଦ୍ରିଭା । ରବିବାର ଅନୁଷ୍ଠିତ ଫାଇନାଲ୍‌ରେ ଆନ୍ଦ୍ରିଭା ୭-୫, ୬-୩ ସିଧାସଳକ ସେଟ୍‌ରେ ସ୍ୱିଟୋଲିନାଙ୍କୁ ହରାଇଥିଲେ । ପ୍ରଥମ ସେଟ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା । କିନ୍ତୁ ନିର୍ଣ୍ଣାୟକ ସମୟରେ ଦମଦାର ପ୍ରଦର୍ଶନ କରି ସେଟ୍ ଜିତିଥିଲେ ଆନ୍ଦ୍ରିଭା । ଦ୍ୱିତୀୟ ସେଟ୍‌ରେ ମଧ୍ୟ ନିଜ ଦବଦବା ବଜାୟ ରଖି ଟ୍ରଫି ଉପରେ କବ୍‌ଜା କରିଥିଲେ । ଏହି ପ୍ରତିଯୋଗିତାରେ ଆନ୍ଦ୍ରିଭାଙ୍କ ପ୍ରଦର୍ଶନ ଥିଲା ଅତ୍ୟନ୍ତ ଚମତ୍କାର । ସମସ୍ତ ପାଂଚଟି ମ୍ୟାଚ୍ ଜିତି ଅପରାଜେୟ ରହିଥିଲେ ସେ । ବିଶେଷ କଥା ହେଉଛି, ପୂରା ପ୍ରତିଯୋଗିତାରେ ସେ ଗୋଟିଏ ବି ସେଟ୍ ହାରିନଥିଲେ । ଏହି ଐତିହାସିକ ସଫଳତା ସହ ବିଶ୍ୱ ଟେନିସ୍ ମାଏ୍ୟାଡାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ଆନ୍ଦ୍ରିଭା । ଟ୍ରଫି ସହ ଆନ୍ଦ୍ରିଭାଙ୍କୁ ମିଳିଛି ୩.୩୭ ନିୟୁତ ଡଲାର, ଅର୍ଥାତ୍ ପ୍ରାୟ ୩୨ କୋଟି ଟଙ୍କାର ପୁରସ୍କାର ରାଶି । ଏହାସହ ତାଙ୍କୁ ଜଯାର ମିଳିଛି ଗାଡ଼ି ଡାରଗାଣୀ ଗାଙ୍କର ଏକ ଦାମୀ ମର୍ସିଡିଜ୍-ବେଞ୍ଜ କାଁ ବିଜୟ ପରେ ଜାରର ଡାଇଜର ସିଟ୍‌ରେ ବସି ଖୁସି ମିଜାଜରେ ଆନ୍ଦ୍ରିଭା । ତେବେ ତାଙ୍କ ପାଖରେ ଏପର୍ଯ୍ୟନ୍ତ ଡାଇମଣ୍ଡ ଲାଇସେନ୍ସ ନଥିବାରୁ ସେ ଜାର୍ ଚଳାଇପାରିବେ ନାହିଁ । ଅନ୍ୟପଟେ ମହିଳା ଯୁଗଳ ବର୍ଗରେ ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭା ଓ ଆମେରିକାର ଟେରେର ହାନସନ୍‌ଙ୍କ ଚାମ୍ପିଅନ୍ ହୋଇଛନ୍ତି । ଫାଇନାଲ୍‌ରେ ଇଟାଲିର ସାରା ଏରାନି ଓ ଜର୍ମାନ୍ ପାର୍ଟନିରଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରିଥିଲେ । ଏହି ବିଜୟ ସହ ଉଭୟ ଖେଳାଳି ଚଳିତ ବର୍ଷର ଟେନିସ୍ ଋତୁକୁ ସ୍ମରଣୀୟ ଢଙ୍ଗରେ ଶେଷ କରିଛନ୍ତି ।

କିଛି ଶକ୍ତି ଭାରତକୁ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି : ମୋହନ ଭାଗବତ




ସୋଧପୁର, ୧୬/୧୧(ନ୍ୟୁ.ଏ): ଭାରତକୁ ବିଭାଜିତ କରିବା ପାଇଁ ଉଦ୍ୟମ ଚାଲିଛି । ଛୋଟ ଛୋଟ ପରିବେଶକୁ ବଡ଼ କରି ଦେଖାଇବା ସହ ଲୋକଙ୍କ ମଧ୍ୟରେ ଆଳସ୍ତରୀଣ ବିବାଦ ଓ ସଂଘର୍ଷ ସୃଷ୍ଟି କରାଯାଉଛି । ବ୍ରିଟିଶ ଶାସନ ସମୟରେ ଆପଣାଯାଇଥିବା 'ଭାଗ କର ଓ ଶାସନ କର' ନୀତି ଭଳି ଏବେ ମଧ୍ୟ କିଛି ଶକ୍ତି ଏଭଳି ଉଦ୍ୟମ କରୁଥିବା କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ । ଯୋଧପୁର ପ୍ରାନ୍ତ ଆରଏସ୍‌ଏସ୍ ପକ୍ଷରୁ ଶିକ୍ଷକପୁରାପ୍ତିତ ରାଜାରାମ ଆଶ୍ରମରେ ଆୟୋଜିତ 'ମାତୃ ନିମାନ୍ତ-୨୦୨୬' ଘୋଷ ଶିବିରକୁ ସମ୍ବୋଧିତ କରି ଭାଗବତ କହିଛନ୍ତି, ବର୍ତ୍ତମାନ ଭାରତ ସ୍ୱାର୍ଥି, ସଂଜୀର୍ଣ୍ଣ ମନୋଭାବ ଓ ଅନ୍ଦଳାକୁ ଦୂର କରିବା ଅତ୍ୟନ୍ତ ଜରୁରୀ । ଧର୍ମ ଓ ରାଷ୍ଟ୍ରସେବାକୁ ଆଧାର କରି ଏକ ସଂଗଠିତ ଜାତଜୀବନ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଆରଏସ୍‌ଏସ୍‌ର ଘୋଷ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିବା ସମୟରେ ଭାଗବତ ପ୍ରାଚୀନ ଭାରତୀୟ ପରମ୍ପରାର ସଙ୍ଗୀତର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଭାରତର ଲୋକଙ୍କ ମଧ୍ୟରେ ବିଭାଜନ ଓ ସଂଘର୍ଷ ସୃଷ୍ଟି କରିବାକୁ ଉଦ୍ୟମ ହେଉଛି । ଏହା ବ୍ରିଟିଶ ଶାସନ ସମୟର ଔଷଧ ସହ ସମାନ । ସମାଜକୁ ଏକଜୁଟ ରହିବାକୁ ଆହ୍ୱାନ ଦେଇ ଭାଗବତ କହିଛନ୍ତି, ସମସ୍ତେ ନିଜର ସ୍ୱାର୍ଥ, ସଂଜୀର୍ଣ୍ଣ ମନୋଭାବ ଓ ଅନ୍ଦଳାକୁ ତ୍ୟାଗ କରିବା ଅତ୍ୟାବଶ୍ୟକ । ଧର୍ମ ଓ ରାଷ୍ଟ୍ରସେବାକୁ ଆଧାର କରି ଏକ ସଂଗଠିତ ଜାତଜୀବନ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଆରଏସ୍‌ଏସ୍‌ର ଘୋଷ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିବା ସମୟରେ ଭାଗବତ ପ୍ରାଚୀନ ଭାରତୀୟ ପରମ୍ପରାର ସଙ୍ଗୀତର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ ।

୧୩୩୬ ଡ୍ରୋନ୍‌ରେ ରୁଷ୍ ଉପରେ ୟୁକ୍ରେନର ଆକ୍ରମଣ



ନୂଆଦିଲ୍ଲୀ, ୧୬/୧୧(ନ୍ୟୁ.ଏ): ରୁଷ ଉପରେ ୟୁକ୍ରେନର ବଡ଼ଧରଣର ଡ୍ରୋନ୍ ଆକ୍ରମଣ । ଗୋଟିଏ ରାତିରେ ୧୩୩୬ଟି ଡ୍ରୋନ୍ ଆକ୍ରମଣ ହୋଇଥିବା ଦାବି କରିଛି ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ । ଏହି ଆକ୍ରମଣରେ ରୁଷ ଅଧିକୃତ କ୍ରିମିଆ ଉପଦ୍ୱୀପକୁ ରୁଷ ସହ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ କ୍ରିମିଆ ସେତୁକୁ ମଧ୍ୟ ଟାର୍ଗେଟ କରାଯାଇଛି । ଅନ୍ୟପଟେ ମସ୍କୋ ଆତ୍ମକୁ ଆସୁଥିବା ପ୍ରାୟ ୬୦୦ ଡ୍ରୋନ୍‌କୁ ରୋକାଯାଇଥିବା କହିଛନ୍ତି ମସ୍କୋ ମେୟର । ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟର କହିବା ଅନୁସାରେ, ନଭେମ୍ବର ୧୫ ତାରିଖରୁ ୧୬ ତାରିଖ ସକାଳ ମଧ୍ୟରେ ୟୁକ୍ରେନ୍ ପକ୍ଷରୁ ଏହି ଡ୍ରୋନ୍ ଆକ୍ରମଣ କରାଯାଇଥିଲା । ରୁଷର ୧୬ଟି ଅଂଚଳ ସମେତ କ୍ରିମିଆ ଏବଂ କଳା ସାଗର ଓ ଆଜୋଭ ସାଗର ଅଂଚଳରେ ଡ୍ରୋନ୍‌ଗୁଡ଼ିକୁ ଠାବ କରି ନଷ୍ଟ କରାଯାଇଥିବା ମସ୍କୋ ଦାବି କରିଛି । ୨୦୨୨ରେ ରୁଷ ଆରମ୍ଭ ହେବା ପରଠାରୁ ଏହା ୟୁକ୍ରେନ୍‌ର ସବୁଠାରୁ ବଡ଼ ଜାତ୍ରିକାକାଳ ଡ୍ରୋନ୍ ଆକ୍ରମଣ ବୋଲି ରିପୋର୍ଟରେ କୁହାଯାଇଛି । ଏହି ଆକ୍ରମଣରେ କ୍ରିମିଆକୁ ରୁଷର କ୍ରାସ୍ନୋଦର ଅଂଚଳ ସହ ସଂଯୋଗ କରୁଥିବା କେର୍ଚ୍ଚ ସେତୁକୁ ଟାର୍ଗେଟ କରାଯାଇଥିବା କହିଛନ୍ତି କ୍ରିମିଆର ରୁଷ ନିଯୁକ୍ତ ଗଭର୍ଣ୍ଣର ସେର୍ଗେଇ ଆକ୍ସିନୋଭ୍ । ସେତୁରେ କ୍ଷୟକ୍ଷତି ହୋଇଥିବାରୁ ମରାମତି କାର୍ଯ୍ୟ ପାଇଁ ରାସ୍ତାରେ ଯାନବାହନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରାଯାଇଥିବା । ତେବେ କ୍ଷୟଗତି ସାମାନ୍ୟ ଥିବା ଜଣାପିଛି ପକ୍ଷରୁ କୁହାଯାଇଛି । ରେଳ ଚଳାଚଳ ସ୍ୱାଭାବିକ ରହିଥିବା ରୁଷ ପରିବହନ ମନ୍ତ୍ରଣାଳୟ ସୂଚନା ଦେଇଛି । ସେପଟେ ମସ୍କୋ ମେୟର ସେର୍ଗେଇ ସୋବିୟାନିନ୍‌ଙ୍କ ଅନୁସାରେ, ରାଜଧାନୀ ମସ୍କୋ ଆତ୍ମକୁ ପ୍ରାୟ ୬୦୦ ଡ୍ରୋନ୍ ଆସୁଥିଲା । ଏମାନଙ୍କୁ ଅଧିକାଂଶକୁ ବୂଜରୁ ହିଁ ରୁଷର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ନଷ୍ଟ କରିଦେଇଥିବା ସେ କହିଛନ୍ତି । ମସ୍କୋ ନିକଟରେ ୧୯୧୫ ଡ୍ରୋନ୍‌କୁ ନଷ୍ଟ କରାଯାଇଥିବା ମଧ୍ୟ ସେ ସୂଚନା ଦେଇଛନ୍ତି । ଏଥାର କିଛି ଘଂଟା ପୂର୍ବରୁ ୟୁକ୍ରେନ୍ ପକ୍ଷରୁ ରୁଷର ଏକ ବଡ଼ ପେଟ୍ରୋକେମିକାଲ୍ କାରଖାନା, ତେଲ ବିଶୋଧନାଗାର ଏବଂ ସାମରିକ ଉତ୍ପାଦନ କେନ୍ଦ୍ରକୁ ଟାର୍ଗେଟ କରାଯାଇଥିବା ରିପୋର୍ଟ ହୋଇଛି । ରୁଷ ପକ୍ଷରୁ ୟୁକ୍ରେନର ସହର ଏବଂ ଶକ୍ତି ଭିତ୍ତିଭୂମି ଉପରେ ହେଉଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣର ବଦଳରେ ଏଭଳି ପାରତା ଆକ୍ରମଣ କରାଯାଉଥିବା କିଭ୍ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ରୁଷର ଆକ୍ରମଣ ଯୋଗୁଁ ୟୁକ୍ରେନ୍‌ର ଅନେକ ନାଗରିକଙ୍କ ମୃତ୍ୟୁ ହେବା ସହ ଶକ୍ତି ଭିତ୍ତିଭୂମି ଷତିଗ୍ରସ୍ତ ହୋଇଛି । ବିଦ୍ୟୁତ୍ ହେଉ ଉତରେ ବାରମ୍ବାର ଆକ୍ରମଣ ଯୋଗୁଁ ଅନେକ ଅଂଚଳରେ ଲୋକଙ୍କୁ ବିଦ୍ୟୁତ୍ ସରବରାହ ବିନା ରହିବାକୁ ପଡ଼ୁଛି । ଏଭଳି ସ୍ଥିତିରେ ପୁର ବେଶ ମଧ୍ୟରେ ଡ୍ରୋନ୍ ଆକ୍ରମଣ ଆଢୁରି ଡାହୁ ହେବା ସୁବେଦ ଉତ୍ତେଜନାକୁ ବଢ଼ାଇଛି ।

୧୦ ବର୍ଷରେ ୩ ଗୁଣା ବଢ଼ିଲା ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ



ନୂଆଦିଲ୍ଲୀ, ୧୬/୧୧(ନ୍ୟୁ.ଏ): ଦେଶରେ ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବଢୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଆସିଛି ଏକ ଆଶ୍ୱସ୍ତିକର ଖବର । ଗତ ୧୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରୀ ଖର୍ଚ୍ଚ ୩ ଗୁଣାରୁ ଅଧିକ ବୃଦ୍ଧି ପାଇଛି । ଏହାର ପ୍ରଭାବ ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚରେ ସରକାରଙ୍କ ଅଂଶ ବୃଦ୍ଧି ଏବଂ ଲୋକଙ୍କ ନିଜ ପକେଟରୁ ହେଉଥିବା ଖର୍ଚ୍ଚ ହ୍ରାସ ଆକାରରେ ଦେଖିବାକୁ ମିଳିଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରବିବାର ନ୍ୟାସନାଲ ହେଲ୍ଥ ଆକାଉଣ୍ଟସ୍ ୨୦୨୩-୨୪ ରିପୋର୍ଟ ଜାରି କରାଯାଇଛି । ଏହି ରିପୋର୍ଟ ଅନୁସାରେ, ୨୦୧୩-୧୪ରେ ଦେଶର ମୋଟ ସ୍ୱାସ୍ଥ